## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

**ଲହୁଣୀପଡା, ୨୩।୨ (ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ କୁଞ୍ଚପାଣି ଗ୍ରାମର ଜଣେ ଯୁବକ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ରାସ୍ତାରେ ଛିଣ୍ଡିପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ଜେମ୍ସ ମୁଣ୍ଡା (୪୫)। ସୂଚନାରୁ ପ୍ରକାଶ ଯେ, ଜେମ୍ସ ଜାମୁଡ଼ିହିରୁ ନିଜ ଘରକୁ ଫେରୁଥିବା ବେଳେ ରାସ୍ତାରେ ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କେ. ବଲାଙ୍ଗ ପୋଲିସ ସୋମବାର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

### ମାମଲା ରୁଜୁ ଭୟରେ ଆହତଙ୍କୁ ଅଟୋରେ ନେଇଗଲେ

**ବଡ଼ଗାଁ, ୨୩।୨ (ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଲୁଡେଗା ଗ୍ରାମକୁ ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ ସୋମବାର ପୂର୍ବାହ୍ନରେ ବ୍ରଜରାଜନଗରରୁ କେତେଜଣ ମହିଳା ଓ ପୁରୁଷ ଅଟୋରେ ଆସିଥିଲେ। ଫେରିବା ବେଳେ ବଡ଼ଗାଁ ମହାବୀର ଛକଠାରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ୨ ଜଣ ମହିଳା ଓ ୨ଜଣ ଯୁବକ ଆହତ ହୋଇଥିଲେ। ଗ୍ରାମବାସୀମାନେ ଆହତଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ଡକାଇଥିବାବେଳେ କେସ୍ ହେବା ଭୟରେ ଅଟୋ ଚାଳକ ଆହତଙ୍କୁ ଅଟୋରେ ବସାଇ ସେଠାରୁ ଫେରାର ହୋଇଥିଲେ। ଗ୍ରାମବାସୀମାନେ ଡାକ୍ତରଖାନାକୁ ଯିବାକୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଏହି ଘଟଣା ବଡ଼ଗାଁରେ ଆଲୋଚନାର ବିଷୟ ପାଲଟିଥିଲା। ଅଟୋର ସମ୍ମୁଖ କାଚ ଭାଙ୍ଗିଯିବା ସହ ଚେପା ହୋଇଯାଇଥିଲା।

### ବର୍ଜ୍ୟ ପାଉଁଶ ପରିଚାଳନା ନେଇ ବୈଠକ

**ସୁନ୍ଦରଗଡ, ୨୩।୨ (ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ଓ ପଡୋଶୀ ଝାରସୁଗୁଡା ଜିଲାର ବିଭିନ୍ନ କଳକାରଖାନାରୁ ନିର୍ଗିତ ବର୍ଜ୍ୟ ପାଉଁଶ ଯୋଗୁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ସୁନ୍ଦରଗଡ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ପାଉଁଶ ଡମ୍ପିଂକୁ ଧରିତ୍ରୀ ସମେତ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସୋମବାର ଏନଟିପିସି ଦର୍ଲିପାଲିରେ ବର୍ଜ୍ୟ ପାଉଁଶ ପରିବହନ ପରିଚାଳନା ନେଇ ଏକ ବୈଠକ ବସିଥିଲା। ଏହି ବୈଠକରେ ପାଉଁଶ ପରିବହନକାରୀ ଠିକାଦାର ଓ ଏନଟିପିସି ଆଧିକାରୀ ଯୋଗଦେଇଥିଲେ। ହେଲେ ଏହି ବୈଠକରେ ଏନଟିପିସି ଦର୍ଲିପାଲିରୁ ପାଉଁଶ ପରିବହନ ପାଇଁ ଠିକା ନେଇଥିବା ଏନଏଚଆଇ (ଜାତୀୟ ରାଜପଥ ପ୍ରାଧିକରଣ) ର "କୌଣସି ଅଧିକାରୀ ଯୋଗ ଦେଇ ନ ଥିଲେ। ଏନଚଆଇ ଅଧିନରେ ପାଉଁଶ ପରିହନ କରୁଥିବା ଟ୍ରାନ୍ସପୋର୍ଟର ମାନେ ଦୀର୍ଘଦିନ ହେବ ପାଉଣା ପାଇ ନ ଥିବା ଅଭିଯୋଗ କରିଥିଲେ। ଠିକ ସମୟରେ ପରିବହନ ବାବଦ ଭଡା ମିଳୁ ନ ଥିବାରୁ ଡ୍ରାଇଭର ଓ କର୍ମଚାରୀଙ୍କୁ ଦରମା ଓ ଗାଡି ତେଲଖର୍ଚ୍ଚ ତୁଲାଇବାରେ କଷ୍ଟ ସାଧ ହୋଇପଡିଥିବା ବୈଠକରେ କହିଥିଲେ। ଏଣେ ତେଣେ ପାଉଁଶ ପକାଇବାକୁ ବୈଠକରେ କଡା ତାଗିଦ କରାଯାଇଥିବା ଜଣାଯାଇଛି।



ବଣାଇଁ ସହରସ୍ଥିତ ତହସିଲ କାର୍ଯ୍ୟାଳୟଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ କରାଯାଇ ନୂତନ ଗୃହ ନିର୍ମାଣ ପାଇଁ ଟୂନ ଗାର ଦିଆଯାଇଛି।

# ରାସ୍ତା ଉପରେ ଗୃହ ନିର୍ମାଣକୁ ବିରୋଧ

- କାର୍ଯ୍ୟ ବନ୍ଦ ନେଇ ରାଜସ୍ୱ ନିରୀକ୍ଷକଙ୍କ ପ୍ରତିଶ୍ରୁତି
- ବଣାଇଁ ସହରରେ ଚାପା ଉତ୍ତେଜନା

**ବଣାଇଁ, ୨୩।୨ (ପ୍ରଦୀପ ତ୍ରିପାଠୀ)**



ବିରଜା ପ୍ରସାଦ ମହାନ୍ତି (ସମାଜସେବୀ)।



ପ୍ରଦୀପ ନନ୍ଦ (ଯୁବ ସମାଜସେବୀ)।

ସରକାରଙ୍କ ନୂଆ ରାଜସ୍ୱ ନୀତି ଓ ଜବରଦଖଲ ଉଚ୍ଛେଦ ନେଇ ଗମ୍ଭୀର ଆଭିମୁଖ୍ୟକୁ ଖୋଦ ସରକାରୀ କର୍ମଚାରୀ ଯଦି ଅବମାନନା କରି ସର୍ବସାଧାରଣ ରାସ୍ତା ପଛେ ବନ୍ଦ ହେଉ କୋଠା ନିର୍ମାଣ ପାଇଁ ଅନୁମତି ଦିଅନ୍ତି ତା'ର ପରିଣାମ ନିଶ୍ଚିତ ଅଶାନ୍ତକର ହେବ, ଯାହା ପ୍ରମାଣିତ ହୋଇଛି ଏଠାରେ ନିର୍ମାଣ ହେଉଥିବା ଏକ ରାସ୍ତା କ୍ଷେତ୍ରରେ। ବଣାଇଁ ସହରସ୍ଥିତ ତହସିଲ କାର୍ଯ୍ୟାଳୟଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ କରାଯାଇ ନୂତନ ଗୃହ ନିର୍ମାଣ ପାଇଁ ଟୂନ ଗାର ଦିଆଯାଇଛି। ସୋମବାର ଏଭଳି କାର୍ଯ୍ୟ ଦେଖି ଅଞ୍ଚଳର ବୁଦ୍ଧିଜୀବୀ ବିରୋଧ କରିଛନ୍ତି। ଏହି ରାସ୍ତାରେ ଶହେ ବର୍ଷ ପୂର୍ବରୁ ଲୋକେ ଚଳପ୍ରଚଳ କରୁଥିବା ଓ ଏହାକୁ ବନ୍ଦ କରିବା ଜନବିରୋଧୀ କାର୍ଯ୍ୟ ବୋଲି ବଣାଇଁର ଜଣାଶୁଣା ସାମାଜିକକର୍ମୀ ବିରଜା ପ୍ରସାଦ ମହାନ୍ତି ପ୍ରକାଶ କରିଛନ୍ତି। ସେହିଭଳି ଯୁବ ସାମାଜିକକର୍ମୀ ପ୍ରଦୀପ ନନ୍ଦ ଘୋର ନିନ୍ଦା କରି ସରକାର ଚାହିଁଲେ ଯେ କୌଣସି ସରକାରୀ ସ୍ଥାନରେ ଗୃହ ନିର୍ମାଣ କରିପାରନ୍ତି, କିନ୍ତୁ ସାଧାରଣ ଜନତାଙ୍କ ବ୍ୟବହୃତ ରାସ୍ତାକୁ ଅବରୋଧ କରି ଗୃହ ନିର୍ମାଣକୁ ତୁରନ୍ତ ବନ୍ଦ କରିବା ଦରକାର ବୋଲି ମତ ଦେଇଛନ୍ତି। ସହରର ଆଇନଜୀବୀ, ସମାଜସେବୀ, ଯୁବ ଓ ବରିଷ୍ଠ ରାଜନେତା ମଧ୍ୟ ଘଟଣାକୁ ବିରୋଧ କରିଛନ୍ତି। ଏ ସଂକ୍ରାନ୍ତରେ ବଣାଇଁ ରାଜସ୍ୱ ନିରୀକ୍ଷକ ମଙ୍ଗଲ ଯୋଯୋଙ୍କୁ ପଚାରିବାରୁ, ସେ ରାସ୍ତା ଥିବା କଥା ସ୍ୱୀକାର କରିଛନ୍ତି। ପୂର୍ତ୍ତ ବିଭାଗ ଗୃହ ନିର୍ମାଣ ପାଇଁ ଚିହ୍ନଟ କରିଥିବା କହିଛନ୍ତି। ବିରୋଧକୁ ସେ ସମ୍ମାନ ଜଣାଇ କାମ ବନ୍ଦ କରିବା ସହ ମଙ୍ଗଳବାର ତହସିଲଦାରଙ୍କ ସହ ଆଲୋଚନା ପରେ ପ୍ରତିକାରଜନିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେ, ଭାରତୀୟ ସୁବିଧାଧିକାର ଆଇନ (ଇଣ୍ଡିଆନ ଇଜମେଣ୍ଟ ଆକ୍ଟ) (୧୮୮୨)କ୍ରମେ କୌଣସି ଏକ ସ୍ଥାନ ସର୍ବସାଧାରଣ ବ୍ୟବହାରରେ ଯଦି ୨୦ ବର୍ଷ ରହେ ତେବେ ତା'ର ସ୍ୱତ୍ୱାଧିକାରୀ ଯେ କେହି ଥାଆନ୍ତୁ ପ୍ରଶାସନ ସର୍ବସାଧାରଣଙ୍କ ସପକ୍ଷରେ ନିଷ୍ପତ୍ତି ନେଇପାରିବେ ବୋଲି ଉଲ୍ଲେଖ ରହିଛି। ଏଠାରେ ଶହ ଶହ ବର୍ଷ ଧରି ଥିବା ଏକ ସର୍ବସାଧାରଣ ରାସ୍ତା ବନ୍ଦ କରି ଗୃହ ନିର୍ମାଣର ପରିଣତି କ'ଣ ହେବ ତାହା ଦେଖିବାକୁ ବାକି ରହିଲା।

## ୭ ଅଭିଯୋଗର ତ୍ୱରିତ ଫଇସଲା




ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

**କୁଆଁରମୁଣ୍ଡା, ୨୩।୨ (ମହେନ୍ଦ୍ର କୁମାର ସାହୁ)**

### କୁଆଁରମୁଣ୍ଡାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ସୁନ୍ଦରଗଡ଼ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଅଧ୍ୟକ୍ଷତା କରି ଲୋକଙ୍କ ଦ୍ୱାରା ଆଗତ ମୋଟ ୭୪ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୫୪ଟି ସାମୂହିକ ଏବଂ ୨୦ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଏହି ଅବସରରେ ୭ଟି ଅଭିଯୋଗର ତ୍ୱରିତ ଫଇସଲା ହୋଇଥିଲା। ଶିବିରରେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ଗଣମାଧ୍ୟମ ପ୍ରତିନିଧି ଜିଲାପାଳଙ୍କୁ କୁଆଁରମୁଣ୍ଡା ଅଞ୍ଚଳରେ ଥିବା ଚାଷ ଜମି, ଜଙ୍ଗଲ ଓ ପାହାଡ ପାର୍ଶ୍ୱ, ୧୪୩ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ କାରଖାନାର ବିଷାକ୍ତ ବର୍ଜ୍ୟର ବେଆଇନ ଡମ୍ପିଂ ସମ୍ପର୍କରେ ଅବଗତ କରିବା ସହ ଏ ଦିଗରେ ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ବିଶେଷ କରି ଜିଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ମହାନ୍ତି, ଜିଲା ମୁଖ୍ୟ ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, କୁଆଁରମୁଣ୍ଡା ବିଇଓ ନମିତା ମହାପାତ୍ର, କୁଆଁରମୁଣ୍ଡା ବିଏଓ ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଭିବିଜି ରାମଜୀ ସମ୍ପର୍କରେ ପ୍ରଚାରପତ୍ର ବଣ୍ଟା ଯାଇ ଜନ ସଚେତନତା କରାଯାଇଥିଲା। ଏହି ଜନ ଅଭିଯୋଗ ଶୁଣାଣିରେ କୁଆଁରମୁଣ୍ଡା ବିଡ଼ିଓ ଡା. ଜଗଦୀଶ ଚନ୍ଦ୍ର ମହାନନ୍ଦ, ଏଇଇ ଚୈତନ୍ୟ ହେମ୍ବ୍ରମ, ଡବ୍ଲ୍ୟୁଓ ରଞ୍ଜନ ରାମ, ଓଏଲଏମ କୁଆଁରମୁଣ୍ଡା ବ୍ଲକ ସଂଯୋଜିକା ରଶ୍ମିତା ବେହେରା, ଏପିଓ ଶ୍ରବଣ ସାହୁ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

### ଭିନ୍ନକ୍ଷମ ଯୁବତୀ ୬ ମାସର ଗର୍ଭବତୀ, ଅଭିଯୁକ୍ତ ଗିରଫ

**କୁଆଁରମୁଣ୍ଡା, ୨୩।୨ (ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଜଣେ ଗାଈ ଚରାଳି ଭିନ୍ନକ୍ଷମ ୧୯ ବର୍ଷୀୟା ଯୁବତୀ ୬ ମାସର ଗର୍ଭବତୀ ହେବା ଅଭିଯୋଗରେ ସୋମବାର ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ରାମଚନ୍ଦ୍ର ରାଉତ(୫୪)। ଏନେଇ ବୀରମିତ୍ରପୁର ପୋଲିସ ଏକ ମାମଲା ନଂ.୭୮ /୨୬ ରୁଜୁ କରିଛି। ସୂଚନା ଅନୁଯାୟୀ, ଗାଈ ଚରାଳୀ ରାମଚନ୍ଦ୍ର ଜଙ୍ଗଲରେ ଛେଳି ଚରାଇବା ବେଳେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ଫଳରେ ଯୁବତୀ ଜଣଙ୍କ ଏବେ ୬ ମାସର ଗର୍ଭବତୀ ହେବା ଜାଣି ପରିବାର ଲୋକେ ବୀରମିତ୍ରପୁର ଥାନାରେ ସୋମବାର ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ଉଭୟଙ୍କର ଡାକ୍ତରୀ ମାଇନା କରାଯିବ ବୋଲି ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି।

## ଅଫିମ ଫଳ ଜବତ, ଜଣେ ଗିରଫ

**ବଡ଼ଗାଁ, ୨୩।୨ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପୋଲିସ ବାଦୁଲପାନି ଗ୍ରାମରୁ ୨୪.୯ କେଜି ଅଫିମ ଫଳ ଜବତ କରିବା ସହ ଚାଷ କରିଥିବା ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଅଶୋକ ସିଂ(୩୩)। ଏନେଇ ସୋମବାର ଅପରାହ୍ନରେ ଏସଡିପିଓ ବିଭୂତି ଭୂଷଣ ଭୋଇ ପ୍ରେସ୍ ମିଟରେ ସୂଚନା ଦେଇଛନ୍ତି। ଜବତ ଅଫିମ ଫଳର ଆନୁମାନିକ ମୂଲ୍ୟ ଅଢ଼େଇରୁ ୩ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।

ଘଟଣା ଅନୁଯାୟୀ, ବାଦୁଲପାନି ଗ୍ରାମର ଅଶୋକ ଗତ କିଛିବର୍ଷ ହେବ ପଞ୍ଜାବରେ ରହୁଥିଲେ। ସେଠାରେ ସେ ଏହି ଲାଭଦାୟକ ଅଫିମ ଚାଷ ବିଷୟରେ ସମସ୍ତ ତାଲିମ ପାଇଥିଲେ। ପରେ ଗତ ୨ ବର୍ଷ ହେଲା ନିଜ ଗାଁକୁ ଫେରିବା ପରେ ଅଫିମ ଚାଷ କରିବାକୁ ଯୋଜନା କରିଥିଲେ। ଗାଁରେ ପାଖାପାଖି ଏକ ଏକର ଜମିରେ ଅଫିମ ଚାଷ ଆରମ୍ଭ କରିଥିଲେ। ତେବେ ଅଫିମ ଫଳ ହେବା ପରେ ଏହି ବିଷୟରେ ପ୍ରଘଟ ହୋଇଯାଇଥିଲା। ଏ ସମ୍ପର୍କରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତା ପାଲ କୌର ସୂଚନା ପାଇବା ପରେ ରାଜଗାଙ୍ଗପୁର ଥାନା ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇଙ୍କୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର ସାହୁ, ଏଏସ୍‌ଆଇ ବିଜୟ କୁମାର କର, ଏଏସ୍‌ଆଇ ସସ୍ମିତା ନାଗ ସଦଳବଳ ଚଢ଼ାଉ କରି ୨୫ କେଜି ଅଫିମ ଫଳ ଜବତ କରିବା ସହ ଅଧ ଏକର ଚାଷଜମିରେ କରାଯାଇଥିବା ଅଫିମ ଚାଷକୁ ନଷ୍ଟ କରିଥିଲେ। ଏହି ବିଷୟରେ ଅଫିମ ଚାଷ କରିଥିବା ଅଭିଯୁକ୍ତ ଅଶୋକ ସିଂଙ୍କୁ ପଚାରିବାରୁ ସେ କହିଥିଲେ, ପଞ୍ଜାବରେ ଅଫିମ ଚାଷ ବିଷୟରେ ସବୁ ଜାଣିଥିଲି। ସେଠାରୁ ଆସିବା ପରେ ପରିବାର ପ୍ରତିପୋଷଣ ପାଇଁ ଅଫିମ ଚାଷ କରିଥିବା କହିଥିଲେ। ଏନ୍‌ଡିପିଏସ୍ ୧୮ ସି ଆଇନ ବଳରେ ପୋଲିସ ତାଙ୍କୁ ଗିରଫ କରିଛି।

## କଂଗ୍ରେସର ନୂତନ ସଉନାମରା ପଞ୍ଚାୟତ କମିଟି ଗଠିତ



କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତା।

**ବାଲିଶଙ୍କରା, ୨୩।୨ (ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ ସଉନାମରା ପଞ୍ଚାୟତ ବାଇଶ ମାଇଲ ବଜାରଠାରେ କଂଗ୍ରେସ ଦଳର ନୂତନ କମିଟି ଗଠନ ପାଇଁ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବାଲିଶଙ୍କରା ବ୍ଲକ କଂଗ୍ରେସ ସଭାପତି ପୀତାମ୍ବର ଶେଖର ଦେଓଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ କଂଗ୍ରେସ ନେତା ଉଦିତ ପ୍ରତାପ ଦେଓଙ୍କ ନେତୃତ୍ୱରେ ଚାଲିଥିବା ବୈଠକରେ ମୁଖ୍ୟ ଅତିଥିଭାବେ ନନ୍ଦଲାଲ ମିଞ୍ଜ ଯୋଗଦେଇଥିଲେ। ଆଶିଷ କୁମାର ଦେଓ ସଭା ପରିଚାଳନା କରିଥିବାବେଳେ ସଉନାମରା କଂଗ୍ରେସ କର୍ମୀଙ୍କ ଉପସ୍ଥିତିରେ ପଞ୍ଚାୟତ କମିଟି ଗଠନ କରାଯାଇଥିଲା। ଅନଜନ ସୋରେଙ୍ଗଙ୍କୁ ନୂତନ ପଞ୍ଚାୟତ ସଭାପତି ଗଠନ ଦାୟିତ୍ୱ ଦିଆଯାଇଥିବାବେଳେ ଫ୍ରାନ୍‌ସିସ ତିର୍କୀଙ୍କୁ ଉପ ସଭାପତି, ନନ୍ଦଲାଲ ମିଞ୍ଜ ଓ ଭଗୀରଥି ନାଏକଙ୍କୁ ସାଧାରଣ ସମ୍ପାଦକ, ତାରାଚାନ୍ଦ ତିର୍କୀ ଏବଂ ଜୋହାନ ତିର୍କୀଙ୍କୁ ଉପ ସମ୍ପାଦକ ଓ ଆଶିଷ କୁମାର ଦେଓଙ୍କୁ ପଞ୍ଚାୟତ ସଂଯୋଜକ ଭାବରେ ଚୟନ କରାଯାଇଥିଲା। ବୈଠକରେ ପାଙ୍କରାସ ତିର୍କୀ, ପ୍ରମୋଦ ପଟେଲ, ହରି ଶଙ୍କର ଦେଓ, ଇମିଲ କୁଜୁର, ସୁନୀଲ ତିର୍କୀ, ସୁନୀଲ କୁଲୁ, ରଞ୍ଜିତ କୁଜୁରଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଶେଷରେ ନନ୍ଦଲାଲ ମିଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

**ଟେନ୍‌ସା, ୨୩।୨ (ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅଧୀନ ବନ୍ଦଲ ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ଜଣେ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ସୋମବାର ଜବତ ହୋଇଛି। ମୃତକ ହେଲେ କେନ୍ଦୁଡ଼ିହି ଗ୍ରାମର ବିଦେଶୀ ନାଏକ। ଏନେଇ କୋଇଡା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାନୁସାରେ, ବିଦେଶୀ ନଭେମ୍ବର ୧୫ରେ ତାଙ୍କ ଭଉଣୀଙ୍କ ଘର ବନ୍ଦଲକୁ ଯାଇଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ପରେ କୋଇଡ଼ା ଥାନାରେ ନିଖୋଜ ଅଭିଯୋଗ ଦାଖଲ କରାଯାଇଥିଲା। ସୋମବାର

### ହାତୀ ଆକ୍ରମଣ ସନ୍ଦେହ

ସକାଳେ କେତେଜଣ ଗ୍ରାମବାସୀ କାଠ ସଂଗ୍ରହ ପାଇଁ ଜଙ୍ଗଲକୁ ଯାଇଥିବା ସମୟରେ ଗଳିତ ମୃତଦେହ ଦେଖି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ପରେ କୋଇଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସ୍ଥଳ ପରୀକ୍ଷଣ ସମୟରେ ଉପୁଡ଼ା ଗଛ ଓ ହାତୀର ପାଦଚିହ୍ନ ମିଳିଥିବାରୁ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଡାଲମିଆ ମହାବିଦ୍ୟାଳୟରେ କଳା, ଶିଳ୍ପ ପ୍ରଦର୍ଶନୀ

**କୁତ୍ରା, ୨୩।୨ (ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡା ସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ଆର୍ଟସ ସୋସାଇଟି ପକ୍ଷରୁ କଳା ଓ ଶିଳ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଜିତେନ୍ଦ୍ର ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ. ସରୋଜିନୀ ସାହୁ ଓ ପ୍ରସିଦ୍ଧ ବାଲୁକା ଶିଳ୍ପୀ ରାଜେନ୍ଦ୍ର ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପଙ୍କଜିନୀ ପଟେଲ ଓ ଆଲିସା ତିର୍କୀ ପରିଚାଳନା କରିଥିଲେ। ଶିଳ୍ପ କାଗଜ, ଅପଚୟର ବିନିଯୋଗ, ହସ୍ତ ନିର୍ମିତ ଶିଳ୍ପ, ବୋତଲ ଶିଳ୍ପ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିବା ବେଳେ ଛାତ୍ରୀଛାତ୍ର ଏଥିରେ ଭାଗନେଇ ପରିବେଶକୁ କଳା ଓ ହସ୍ତଶିଳ୍ପମୟ କରାଇଥିଲେ। ଏହି ଅବସରରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।




ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଅନ୍ୟମାନେ।

## ଅଗ୍ନି ନିରୋଧକ ପଟି ତିଆରି କଲେ ବନ ସୁରକ୍ଷା ସମିତି ସଦସ୍ୟ

**ସୁନ୍ଦରଗଡ, ୨୩।୨ (ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ସୁନ୍ଦରଗଡ ଅନ୍ତର୍ଗତ ବେଜିଡ଼ିହି ବନ ସୁରକ୍ଷା ସମିତିରେ ସୋମବାର ଶ୍ରମଦାନ ଜରିଆରେ ବନ ସୁରକ୍ଷା ସମିତି ସଦସ୍ୟଙ୍କ ଦ୍ୱାରା କୁସୁମକାନୀ ଜଙ୍ଗଲ ଅଞ୍ଚଳରେ ୬୫୦ ମିଟର ଅଗ୍ନି ନିରୋଧକ ପଟି ତିଆରି କରାଯାଇଛି। ଏହା ଦ୍ୱାରା ଜଙ୍ଗଲର ନିଆଁ ଏ ପାଖରୁ ସେ ପାଖକୁ ଯାଇପାରିବ ନାହିଁ ଓ ଜଙ୍ଗଲରେ ବ୍ୟାପୁଥିବା ନିଆଁକୁ ନିୟନ୍ତ୍ରଣ କରାଯାଇପାରିବ। ସୁନ୍ଦରଗଡ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ କାର୍ଯ୍ୟରତ ସହଭାଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବକ'ର ଦଳପତି ପ୍ରତାପ କୁମାର



ଛୁରିଆ, ଉନ୍ନୟନ ଅଧିକାରୀ ଦେବାଶିଷ ସେଠୀ ଓ ପ୍ରକଳ୍ପ ସଂଯୋଜକ ପ୍ରିୟବ୍ରତ ବିଶୋଇଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ବେଜିଡ଼ିହି ବନ ସୁରକ୍ଷା ସମିତି ସଦସ୍ୟାସଦସ୍ୟ ଗ୍ରୀଷ୍ମଋତୁରେ ଜଙ୍ଗଲରେ ଘଟୁ ଥିବା କ୍ଷୟକ୍ଷତିକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱେଚ୍ଛାକୃତ ଭାବେ ଏହି ଶ୍ରମଦାନ ମାଧ୍ୟମରେ ଅଗ୍ନି ନିରୋଧକ ପଟି ତିଆରି କରିବାକୁ ରାଜି ହୋଇଥିଲେ। ସେମାନେ କୁହନ୍ତି, ଜଙ୍ଗଲ ଆମର, ତେଣୁକରି ଜଙ୍ଗଲ ସୁରକ୍ଷା ଦାୟିତ୍ୱ ବି ଆମର। ବନ ସୁରକ୍ଷା ସମିତିର ସଭାପତି ସୁରେନ୍ଦ୍ର କିଷାନ, କୋଷାଧକ୍ଷ ବୈଷ୍ଣବ କିଷାନ, ବନ ସହାୟକ ଗ୍ରେଗୋରୀ ସୋରେଙ୍ଗ ଓ ଗ୍ରାମ ସାଥି ଅଶୋକ କୁଜୁରଙ୍କ ଆବାହକତ୍ୱରେ ୪୦ ଜଣ ମହିଳା ଓ ପୁରୁଷ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରି ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ନିଆଯାଇଥିବା ପଦକ୍ଷେପକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ମାଟ୍ରିକ୍ ପରୀକ୍ଷା ଦେଉନାହାନ୍ତି ୭୦୦ ପରୀକ୍ଷାର୍ଥୀ

ବଲାଙ୍ଗୀର, ୨୩।୨
(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀର ଜିଲା**

- ଦାଦନ ବେଡ଼ିରେ ବନ୍ଧା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ
- ଘରକୁ ଘର ଯାଇ ସର୍ଭେ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି: ଡିଇଓ
- ଗତବର୍ଷ ତଥ୍ୟରୁ କିଛି ଶିକ୍ଷା ଲାଭ କଲେ ନାହିଁ ଶିକ୍ଷା ବିଭାଗ

ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ବା ଦଶମ ବୋର୍ଡ (ମାଟ୍ରିକ୍) ପରୀକ୍ଷାରେ ବଲାଙ୍ଗୀର ଜିଲାର ୭୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଉନାହାନ୍ତି। କେଉଁ କାରଣରୁ ସେମାନେ ପରୀକ୍ଷା କେନ୍ଦ୍ରକୁ ଆସିଲେ ନାହିଁ ଏବଂ ଗୁରୁତ୍ୱପୂର୍ଣ୍ଣ ମାଟ୍ରିକ୍ ପରୀକ୍ଷା ଦେଲେନାହିଁ ତାହା ସ୍ପଷ୍ଟ ଜଣାପଡିନାହିଁ। ତେବେ ଏତେ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ନ ଦେବା ଘଟଣା ଅଭିଭାବକ, ବୁଦ୍ଧିଜୀବୀ ଏବଂ ପ୍ରଶାସନକୁ ବି ଚିନ୍ତାରେ ପକାଇଛି। ବଲାଙ୍ଗୀର ଜିଲା ଏକ ଦାଦନ ପ୍ରବଣ ଜିଲା ହୋଇଥିବାରୁ ଏହି କାରଣରୁ ଏତେ ସଂଖ୍ୟକ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷାରୁ ବଞ୍ଚିତ ହେଲେ କି ବୋଲି ଚିନ୍ତା ପ୍ରକଟ ପାଉଛି। ପ୍ରତିବର୍ଷ ଜିଲାରୁ ଲକ୍ଷାଧିକ ଲୋକ ପରିବାର ସହ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି। ଏହି କାରଣରୁ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରି ନ ଥିବା ଆଲୋଚନାର ବିଷୟ ହୋଇଛି। ବଲାଙ୍ଗୀର ଜିଲାର ବେଲପଡା, ଖପ୍ରାଖୋଲ, ପାଟଣାଗଡ, ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା ଓ ଟିଟିଲାଗଡ ବ୍ଲକ ଅଞ୍ଚଳରୁ ସର୍ବାଧିକ ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ସେମାନଙ୍କ ସହ ତାଙ୍କ ପିଲାଛୁଆ ମଧ ଯାଉଛନ୍ତି। ଏହି କାରଣରୁ ସହସ୍ରାଧିକ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଡୋରି ବନ୍ଧା ହୋଇଯାଉଥିବାର ଅନେକ ନଜିର ରହିଆସିଛି।

ଗତ ଗୁରୁବାରଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିଲା। ବଲାଙ୍ଗୀର ଜିଲାର ୩୭୧ଟି ହାଇସ୍କୁଲର ୨୪,୦୯୧ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସମସ୍ତ ଛାତ୍ରୀଛାତ୍ର ଫର୍ମ ବି ପୂରଣ କରିଥିଲେ। ଜିଲାର ୧୬୮ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିଲା। ତେବେ ପ୍ରଥମ ଦିନରେ ଜିଲାର ୭୧୭ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେଇପାରି ନ ଥିବା ଜଣାପଡିଥିଲା। ଏତେ ସଂଖ୍ୟକ ପରୀକ୍ଷାର୍ଥୀ ଅନୁପସ୍ଥିତ ହେବାକୁ ନେଇ ଶିକ୍ଷା ବିଭାଗ ଏବଂ ପ୍ରଶାସନ ଚିନ୍ତା ପ୍ରକଟ କରିଥିଲେ। ଅଧିକାଂଶ ଛାତ୍ରୀଛାତ୍ର ଦାଦନ ଘଟିବାକୁ ଯାଇଥିବାରୁ ମାଟ୍ରିକ୍ ପରୀକ୍ଷା ଦେଇପାରି ନ ଥିବା ଚର୍ଚ୍ଚାର ବିଷୟ ହୋଇଛି। ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଥିବା ସନ୍ଦେହ ପ୍ରକଟ କରିଛନ୍ତି। ପ୍ରଶାସନ ତୁରନ୍ତ ଏଦିଗରେ ବିହିତ ପଦକ୍ଷେପ ନେବାକୁ ଶିକ୍ଷାବିତ୍ ଏବଂ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ ଚଳିତ ମାଟ୍ରିକ୍ ପରୀକ୍ଷାରେ ଏଯାବତ୍ ୭୦୧ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ସେମାନେ କେଉଁ କାରଣରୁ ଅନୁପସ୍ଥିତ ଅଛନ୍ତି ତାହା ଜାଣିବା ପାଇଁ ସ୍କୁଲ ପ୍ରଧାନ ଶିକ୍ଷକମାନଙ୍କୁ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। ଘରକୁ ଘର ଯାଇ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ସେମାନେ ତଥ୍ୟ ସଂଗ୍ରହ କରି ଜଣାଇବେ। ଏହାପରେ କେଉଁ କାରଣରୁ ସେମାନେ ଅନୁପସ୍ଥିତ ଅଛନ୍ତି ଜଣାପଡିବ ବୋଲି କହିଛନ୍ତି। ଦାଦନ ଯାଇଥିବା ନେଇ ତାଙ୍କ ପାଖରେ କୌଣସି ତଥ୍ୟ ନାହିଁ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୨୦୨୫ ମସିହାରେ ମଧ ପ୍ରାୟ ୭୦୦ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇ ନ ଥିଲେ। ତେବେ ସେହି ତଥ୍ୟରୁ ଜିଲା ଶିକ୍ଷା ବିଭାଗ କୌଣସି ଶିକ୍ଷା ଲାଭ କରି ନ ଥିବାରୁ ଚଳିତବର୍ଷ ପୁଣି ସେହି ସ୍ଥିତି ଉପୁଜିଥିବା ଆଲୋଚନାର ବିଷୟ ହୋଇଛି।

# ହୁଣ୍ଡିରୁ ବାହାରିଲା ୧ଲକ୍ଷ ୭୮ହଜାର ଟଙ୍କା

ଖପ୍ରାଖୋଲ, ୨୩।୨ (ଅଭୟ ତ୍ରିପାଠୀ)

**ହରିଶଙ୍କର ମନ୍ଦିର**

ବଲାଙ୍ଗୀର ଜିଲା ଖପ୍ରାଖୋଲର ପ୍ରମୁଖ ପୁଣ୍ୟ କ୍ଷେତ୍ର ହରିଶଙ୍କର ମନ୍ଦିରର ଦାନ ହୁଣ୍ଡି ମନ୍ଦିର ପ୍ରଶାସନ ତରଫରୁ ସୋମବାର ଖୋଲାଯାଇଛି। ମନ୍ଦିର ମଧ୍ୟରେ ଥିବା ଦାନହୁଣ୍ଡିକୁ କଡ଼ା ସୁରକ୍ଷା ମଧ୍ୟରେ ଦେବୋତ୍ତର ବିଭାଗ ତଥା ମନ୍ଦିର ପ୍ରଶାସନ ତରଫରୁ ଖୋଲାଯାଇ ଟଙ୍କା ଗଣତି କରାଯାଇଥିଲା। ହୁଣ୍ଡି ମଧ୍ୟରୁ ମୋଟ ୧ଲକ୍ଷ ୭୮ ହଜାର ୭୮୭ ଟଙ୍କା ମିଳିଥିବା ବେଳେ ଏକ ଛୋଟ ରୁପା ଚେନ ଓ ଏକ ଛୋଟ ସୁନା ଖଣ୍ଡ ମିଳିଥିବା ଜଣାଯାଇଛି। ଗଣତି ବେଳେ ପାଟଣାଗଡ଼ ଦେବୋତ୍ତର ପ୍ରତିନିଧି ଭାବରେ ଆସିଷ୍ଟାଣ୍ଟ କଲେକ୍ଟର ହେତୁରାମ ବିଭାର, ହରିଶଙ୍କର ଫାଣ୍ଡି ଅଧିକାରୀ ରବୀନ୍ଦ୍ର କୁମାର, ଯୁଗଳ ରାଉତ, ଆଶୁତୋଷ ନନ୍ଦ, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ମନ୍ଦିର ପୂଜକ ନରସିଂହ ପୂଝାରୀ, ଅଭୟ ତ୍ରିପାଠୀ, ଶଶି ପୂଝାରୀ, ରୋହିତ ମେହେର, ଭାଗ୍ୟବନ୍ତ ସାହୁ, ତୁଳା ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘଦିନ ପରେ ହୁଣ୍ଡି ଖୋଲାଯାଇ ଥିବାରୁ କିଛି ଟଙ୍କା ଓଦା ହୋଇ ନଷ୍ଟ ହୋଇଥିବା ଦେଖାଯାଇଥିଲା।



ହରିଶଙ୍କର ମନ୍ଦିର ଦାନ ହୁଣ୍ଡି ଟଙ୍କା ଗଣାଯାଉଛି।

# କୋର୍ଟ, ତହସିଲରେ ସରକାରୀ ଓକିଲ ନିଯୁକ୍ତ

ଲୋଇସିଂହା, ୨୩।୨ (ସୁଶାନ୍ତ ବାରିକ)

ରାଜ୍ୟ ସରକାର ପରିବର୍ତ୍ତନ ହେବାର ୧୮ ମାସ ପରେ ଆଇନ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟ କରୁଥିବା କୋର୍ଟରେ ଆଇନ ଅଧିକାରୀ ବା ସରକାରୀ ଓକିଲ (ଏଜିପି, ଏପିପି) ଓ ତହସିଲ ଗୁଡିକରେ ସହକାରୀ ପିପି ନିଯୁକ୍ତ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଶନିବାର ପ୍ରକାଶ ପାଇଛି। ଆଇନ ଅଧିକାରୀ ନିୟମ ୧୯୭୧ ଅନୁଯାୟୀ ଏହି ପଦବୀରେ ନିଯୁକ୍ତ କରାଯାଇଛି। ଏହି କ୍ରମରେ ବଲାଙ୍ଗୀର ଜିଲା ଲୋଇସିଂହା ଜେଏମ୍ଏଫ୍‌ସି କୋର୍ଟରେ ଏଜେପି ଭାବେ ଆଇନଜୀବୀ ସଞ୍ଜୟ କୁମାର ଷଡଙ୍ଗୀ ଏବଂ ୨ଜଣ ସହକାରୀ ପିପି ଭାବେ ଲୋଇସିଂହାର ଆଇନଜୀବୀ ଅଶୋକ କୁମାର ସାହୁ ଓ ପ୍ରଶାନ୍ତ କୁମାର ବେହେରା ନିଯୁକ୍ତ ହୋଇଛନ୍ତି। ସେହିପରି ଲୋଇସିଂହା ବାର ସଭାପତି ପ୍ରଦୀପ କୁମାର ତ୍ରିପାଠୀ ଆସୋସିଏଟ ଲୟର ନିଯୁକ୍ତ ହୋଇଛନ୍ତି। ସେହିପରି ଲୋଇସିଂହା ତହସିଲ ପାଇଁ ସହକାରୀ ପିପି ଭାବେ ଜ୍ୟୋତିରଞ୍ଜନ ପଟେଲ ନିଯୁକ୍ତ ହୋଇଛନ୍ତି। ଲୋଇସିଂହା ନିର୍ବାଚନ ମଣ୍ଡଳୀ ଆଗଲପୁର ତହସିଲରେ ସହକାରୀ ପିପି ଭାବେ ରଘୁମଣୀ ସେଠ ଓ ରମାକାନ୍ତ ନାୟକ, ସେହିପରି ପୁଇଁତଳା ତହସିଲ ପାଇଁ ମଳୟରଞ୍ଜନ ଗଡତ୍ୟା ନିଯୁକ୍ତ ହୋଇଛନ୍ତି। ଏହି ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ତରଫରୁ ବଲାଙ୍ଗୀର ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି।

# ବରପକ୍ଷଙ୍କୁ ଧନହାନି ପ୍ରାଣପୀଡ଼ା

- ଗ୍ରୁପ୍‌ରଣ, ଧାରକରଜ କରି ବାପଛେଉଣ୍ଡ ପୁଅକୁ ବିବାହ କରାଉଥିଲେ ମା'
- ନବବଧୂ ଅପହରଣ ପରେ ଘାରୁଛି ଋଣ ପରିଶୋଧ ଚିନ୍ତା

ବଲାଙ୍ଗୀର, ୨୩।୨ (ବୀରେନ୍ଦ୍ର କୁମାର ଝାଙ୍କର)




ଚିନ୍ତାଗ୍ରସ୍ତ ମା' ଓ ଭଉଣୀଙ୍କ ସହ କାମାକ୍ଷୀ ନଗର ଘରେ ବସିଛନ୍ତି ହରିବନ୍ଧୁ ପୁଟେଲ।

ବନ୍ଧୁକ ଦେଖାଇ ନବବଧୂ ଅପହରଣ ଘଟଣା ବଲାଙ୍ଗୀର କାମାକ୍ଷୀ ନଗରର ପୁଟେଲ ପରିବାର ପାଇଁ ଧନହାନୀ ପ୍ରାଣପୀଡା ସଦୃଶ ହୋଇଛି। ବାପ ଛେଉଣ୍ଡ ପୁଅକୁ ବାହା କରି ତା'ର ଘରସଂସାର ଗଢ଼ିବାର ସ୍ୱପ୍ନ ଦେଖିଥିବା ମା' ଆଖିରେ ଏବେ ଧାର ଧାର ଲୁହ। ଗ୍ରୁପ୍ ଋଣ ଓ ବିଭିନ୍ନ ଲୋକଙ୍କଠାରୁ ଧାରକରଜ କରି ଲକ୍ଷାଧିକ ଟଙ୍କା ଯୋଗାଡ କରିବା ପରେ ପୁଅକୁ ଧୁମ୍‌ଧାମରେ ବାହା କରିବେ ବୋଲି ମା' ଭାବିଥିଲେ। ହେଲେ ସବୁକିଛି ଓଲଟପାଲଟ ହୋଇଗଲା। ଏହି ପରିବାରକୁ ଘାରିଛି ଏବେ ଲକ୍ଷାଧିକ ଟଙ୍କାର ଋଣ ଚିନ୍ତା। କେମିତି ପରିଶୋଧ କରିବେ ଏବଂ ପୁଅର ଭାଗ୍ୟ ଆଗକୁ କ'ଣ ହେବ ସେଇ ଚିନ୍ତାରେ ଅଛନ୍ତି ପରିବାର ସଦସ୍ୟ। ବଲାଙ୍ଗୀର କାମାକ୍ଷୀ ନଗରର ଶୋଭାଗିନୀ ପୁଟେଲଙ୍କ ୨ଝିଅ ଓ ଗୋଟିଏ ପୁଅ। ପ୍ରାୟ ୧୪/୧୫ ବର୍ଷ ତଳେ ସ୍ୱାମୀ ଗର୍ଜନ ପୁଟେଲଙ୍କ ଅକାଳ ବିୟୋଗ ପରେ ବହୁ କଷ୍ଟ କରି ୩ବାପ ଛେଉଣ୍ଡ ଛୁଆକୁ ପାଳିଥିଲେ। ବାବା ଆଶ୍ରମ ସ୍କୁଲ ଛାତ୍ରାବାସରେ ସହଯୋଗୀ ଭାବେ କାମ କରି ପରିବାର ଚଳାଉଥିଲେ। ବହୁ କଷ୍ଟରେ ୨ଝିଅଙ୍କୁ ବାହା କରିବା ପରେ ଏକମାତ୍ର ପୁଅ ହରିବନ୍ଧୁକୁ ବାହା କରିବା ପାଇଁ ସବୁପ୍ରକାଶ ଉଦ୍ୟମ କରିଥିଲେ। ପ୍ରାୟ ୩ମାସ ପୂର୍ବରୁ ବାହାଘର ଉପକ୍ରମ ଆରମ୍ଭ ହୋଇଥିଲା। ବୌଦ୍ଧ ଜିଲା କଣ୍ଟାମାଳ ଯାଇ ଝିଅ ରଶ୍ମିକୁ ପସନ୍ଦ କରିଥିଲେ ହରିବନ୍ଧୁ। ବିବାହ ତାରିଖ ନିର୍ଦ୍ଧାରିତ ହେବା ପରେ ହରିବନ୍ଧୁ ଓ ରଶ୍ମି ଅନେକ ସମୟରେ ଫୋନ୍‌ରେ କଥାବାର୍ତ୍ତା ବି ହେଉଥିଲେ। ହରିବନ୍ଧୁ କହିଛନ୍ତି, ଝିଅଟି ଯେଭଳି ଫୋନ୍‌ରେ ମନଖୋଲି କଥାବାର୍ତ୍ତା କରୁଥିଲେ ସେଥିରୁ କିଛି ଅଘଟଣ ଘଟିବ ବୋଲି ଆଶଙ୍କା କରିପାରି ନ ଥିଲେ। ଏଣୁ କଥା ଆଗକୁ ବଢ଼ିଥିଲା। ବାହାଘର ତାରିଖ ପାଖେଇ ଆସିବା ପରେ ଏକ ଅଜଣା ନମ୍ବରରୁ ହରିବନ୍ଧୁଙ୍କ ପାଖକୁ ଫୋନ୍ ଆସିଥିଲା। ସେହି ଝିଅକୁ ବାହା ନ ହେବା ପାଇଁ କେହି ଜଣେ ଧମକାଇଥିଲେ। ଏନେଇ ଝିଅ ପରିବାରକୁ ସୂଚନା ଦେଇଥିଲେ ହରିବନ୍ଧୁ। ଏଭଳିକି ଝିଅକୁ ମଧ ଏ ବିଷୟରେ ପଚାରି ବୁଝିଥିଲେ। ଝିଅ ଏବଂ ପରିବାର ସେଭଳି କିଛି ବି ନାହିଁ କହି କଥାକୁ ହାଲୁକା କରିଦେଇଥିଲେ। ଫଳରେ ହରିବନ୍ଧୁ ଓ ତାଙ୍କ ପରିବାର ଲୋକେ ମଧ ଚିନ୍ତାମୁକ୍ତ ହୋଇ ଆଗକୁ ବଢ଼ିଥିଲେ। ଏକମାତ୍ର ପୁଅକୁ ଧୁମ୍‌ଧାମ୍‌ରେ ବାହା କରିବେ ବୋଲି ଭାବିଥିଲେ। ଗ୍ରୁପ୍‌ରଣ ଏବଂ ଧାରକରଜ କରି ପ୍ରାୟ ୭/୮ ଲକ୍ଷ ଟଙ୍କା ଯୋଗାଡ କରିଥିଲେ। ବୋହୂକୁ ପ୍ରାୟ ୩ଲକ୍ଷ ଟଙ୍କାର ସୁନାହାର, କାନଫୁଲ, ମୁଦି ଏବଂ ଅନ୍ୟ ଗହଣା ପିନ୍ଧାଇଥିଲେ। ବାହାଘର ସରିଥିବାରୁ ରବିବାର ୧୨ଟାରୁ ବରପକ୍ଷ ଭୋଜି ପାଇଁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ସାଜସଜ୍ଜା କରିଥିଲେ। ନବବଧୂକୁ ଧରି ହରିବନ୍ଧୁ ଘରକୁ ଫେରିବା ବାଟରେ ତରଭା ସହର ଉପକଣ୍ଠରେ ବନ୍ଧୁକ ଦେଖାଇ ନବବଧୂକୁ ଅପହରଣ କରିନେଲେ ଅପହରଣକାରୀ।

ଅପହରଣ ସମୟର ଘଟଣା ବଖାଣିବା ବେଳେ ଭୟଭୀତ ହୋଇପଡୁଛନ୍ତି ହରିବନ୍ଧୁ ଓ ତାଙ୍କ ପରିବାର ସଦସ୍ୟ। ପୁଅ ଅକ୍ଷତ ଅବସ୍ଥାରେ ଫେରିଥିବାରୁ ଆଶ୍ୱସ୍ତି ପ୍ରକାଶ କରିଥିଲେ ବି କିଭଳି ସେ ଲକ୍ଷାଧିକ ଟଙ୍କାର ଋଣ ପରିଶୋଧ କରିବେ ସେହି ଚିନ୍ତାରେ ଅଛନ୍ତି ଶୋଭାଗିନୀ। ନବବଧୂକୁ ପିନ୍ଧାଇଥିବା ଅଳଙ୍କାର ଓ ଖର୍ଚ୍ଚ କରିଥିବା କିଛି ଟଙ୍କା ଯଦି ସେ ଫେରିପାଇବେ ତେବେ ବଡ ଉପକାର ହୁଅନ୍ତା ବୋଲି ଶୋଭାଗିନୀ କହିଛନ୍ତି।

# ତାଲିମରେ ପ୍ରଧାନଶିକ୍ଷକ: ସହକାରୀ ଶିକ୍ଷୟିତ୍ରୀ, ଶିକ୍ଷକ ଅନୁପସ୍ଥିତ

ଲୋଇସିଂହା, ୨୩।୨ (ସୁଶାନ୍ତ ବାରିକ)

**ତେନ୍ତୁଲିଖୁଣ୍ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ପଞ୍ଚାୟତ ତେନ୍ତୁଲିଖୁଣ୍ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଅନୁପସ୍ଥିତ ଥିବା ଦେଖିବାକୁ ମିଳୁଛି। ଫଳରେ ପାଠପଢା ବାଧାପ୍ରାପ୍ତ ହୋଇଛି। ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୫ ଦିନିଆ ପ୍ରବୋଧନ ତାଲିମ ନେଉଥିବାବେଳେ ଅନ୍ୟ ଜଣେ ସହକାରୀ ଶିକ୍ଷୟିତ୍ରୀ ଓ ଶିକ୍ଷକ ବିନା ଛୁଟିରେ ଅନୁପସ୍ଥିତ ରହିବା ଘଟଣା ଆଲୋଚନାର ବିଷୟ ହୋଇଛି। ଅପରପକ୍ଷେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଉପଯୁକ୍ତ ଶିକ୍ଷାଦାନ ପାଇବାରୁ ବଞ୍ଚିତ ରହୁଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୦ ଛାତ୍ରୀଛାତ୍ର ପାଠପଢୁଛନ୍ତି। ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକଙ୍କ ସମେତ ୫ ଶିକ୍ଷୟିତ୍ରୀଶିକ୍ଷକ ଶିକ୍ଷାଦାନ ପାଇଁ ନିୟୋଜିତ ଅଛନ୍ତି। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୫ଶିକ୍ଷକଙ୍କୁ ଦିଆଯାଇଥିବାବେଳେ ଜଣେ ଶିକ୍ଷକଙ୍କୁ ବ୍ଲକ କଲୋନୀ ବିଦ୍ୟାଳୟକୁ ଡେପୁଟେଶନ ପଠାଯାଇଛି। ଆଉ ରହିଲେ ୪ ଶିକ୍ଷକ। ୧୮ ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ ଭୋଇ ବ୍ଲକ ଅଧୀନ ବୁର୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ପ୍ରବୋଧନ ତାଲିମ ନେଉଛନ୍ତି। କିନ୍ତୁ ଏହାରି ଭିତରେ ଶନିବାର ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଛବିରାଣୀ କିଷାନ ଓ ସହକାରୀ ଶିକ୍ଷକ ସୁଜିତ ମେହେର ବିନା ଛୁଟିରେ ଅନୁପସ୍ଥିତ ରହିଥିଲେ। ସୋମବାର ମଧ୍ୟ ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ବିଦ୍ୟାଳୟ ଆସି ନ ଥିବା ଅଭିଯୋଗରୁ ପ୍ରକାଶ। ସୋମବାର ଜଣେ ମାତ୍ର ଶିକ୍ଷକ ଥିବାରୁ ନିକଟସ୍ଥ ପଣ୍ଡରାଣି ବିଦ୍ୟାଳୟର ଜଣେ ଶିକ୍ଷକଙ୍କୁ ଏଠାକୁ ଡେପୁଟେଶନରେ ଦିଆଯାଇଛି। ଏସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ ଭୋଇଙ୍କୁ ପଚାରିବାରୁ ସେ ପ୍ରବୋଧନ ତାଲିମରେ ଅଛନ୍ତି। ଶିକ୍ଷୟିତ୍ରୀ ଜଣକ ବିନା ଛୁଟି ଦରଖାସ୍ତରେ ବିଦ୍ୟାଳୟ ଆସୁନାହାନ୍ତି। ସେହିପରି ସହକାରୀ ଶିକ୍ଷକ ଗୋଟିଏ ଦିନ ପାଇଁ ଛୁଟି ନେଇଥିଲେ। କେଉଁ କାରଣକୁ ନେଇ ସେମାନେ ବିନା ଛୁଟିରେ ଅନୁପସ୍ଥିତ ରହିଛନ୍ତି ତାହା ଜଣାନାହିଁ। କିନ୍ତୁ ଏନେଇ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯାଇଥିବା ସେ କହିଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏପରି ମାନସିକତା ପ୍ରାଥମିକ ଶିକ୍ଷାର ଅଧୋଗତିର କାରଣ ସାଜିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ଲୋଇସିଂହା ପୋଲିସ ଖୋଳତାଡ କରୁଥିବା ଜଣାପଡିଛି।

# ବୀର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଚକ୍ଷୁ ପରୀକ୍ଷା ଶିବିର



ଶିବିରରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

ଲୋଇସିଂହା, ୨୩।୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ସମଗ୍ର ଶିକ୍ଷା ପ୍ରାୟୋଜିତ ବୀର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଚକ୍ଷୁ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝରଣୀପାଲି, ଭରସୁଜା, ରୋତ, ଆଗଲପୁର, ନଅଗାଁ(କ), ବାବୁଫାସଡ, ରେଙ୍ଗାଲି ଆଦି ଆଞ୍ଚଳିକ ସାଧନ କେନ୍ଦ୍ରର ୧୨୬ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବଲାଙ୍ଗୀର ମେଡ଼ିକାଲ କଲେଜ ଚକ୍ଷୁ ବିଭାଗର ଡା. ମେହେକ ରାଉତ, ଡା. ନିରୁପମା ସାହୁଙ୍କ ଦ୍ୱାରା କମ୍ପ୍ୟୁଟର ମାଧ୍ୟମରେ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୪୧ ଜଣଙ୍କୁ ଚଷମା ଓ ୪ଜଣଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ଚିହ୍ନଟ କରାଯାଇଛି। ବିଇଓ ଶ୍ୟାମ ମେହେର, ଏବିଇଓ ରଜନୀକାନ୍ତ ସାହୁଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ଦିଲୀପ ବେହେରା, ସିଆରସି ରମେଶ ଚନ୍ଦ୍ର ତ୍ରିପାଠୀ, ବିଆରଟି ନବକିଶୋର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଣ୍ଟାବାଞ୍ଜିକୁ ଜିଲା ଦାବି ତେଜିଲା, ଆନ୍ଦୋଳନ ପାଇଁ ଜିଲା ସଂଘର୍ଷ ସମିତିର ସଜବାଜ

କଣ୍ଟାବାଞ୍ଜି, ୨୩।୨ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିକୁ ଏକ ସ୍ୱତନ୍ତ୍ର ଜିଲା କରିବାକୁ ଦାବି ତେଜୁଛି। କଣ୍ଟାବାଞ୍ଜି ଜିଲା ଘୋଷଣା ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ରବିବାର ସନ୍ଧ୍ୟାରେ ସ୍ଥାନୀୟ ଶ୍ରୀହରି ଭବନରେ ଅନୁଷ୍ଠିତ ବୈଠକରେ ମତ ପ୍ରକାଶ ପାଇଛି। କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀର କଣ୍ଟାବାଞ୍ଜି ଏନଏସି, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ୩ଟି ବ୍ଲକକୁ ନେଇ ଏକ ସ୍ୱତନ୍ତ୍ର ଜିଲା ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ବଲାଙ୍ଗୀର ଜିଲାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଜିଲା ଅଞ୍ଚଳବାସୀଙ୍କ ମୁଖ୍ୟ ଦାବି। ବର୍ତ୍ତମାନର ବଲାଙ୍ଗୀର ଜିଲା ସଦର ମହକୁମାଠାରୁ କଣ୍ଟାବାଞ୍ଜି ୮୦ କି.ମି. ଦୂରତା ମଧ୍ୟରେ ଥିବା ବେଳେ ତୁରେକେଲା ବ୍ଲକର ଉପାନ୍ତ କନ୍ଦେଇ ପଞ୍ଚାୟତର ଜୁବାମାଲ, ହଲନଭଟା ପଞ୍ଚାୟତର କୁଶପାଲି, ବଙ୍ଗୋମୁଣ୍ଡା ବ୍ଲକର ଜାମଖୁଣ୍ଟା ପଞ୍ଚାୟତ, ତୁରେକେଲା ପଞ୍ଚାୟତ, ମୁରିବାହାଲ ବ୍ଲକର ଭିଟାବନ୍ଦ ପଞ୍ଚାୟତ ଆଦି ବଲାଙ୍ଗୀର ଜିଲା ସଦର ମହକୁମାକୁ ୧୫୦ରୁ ଉର୍ଦ୍ଧ୍ୱ କି.ମି. ଦୂରତା ରହିଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଜିଲା ଯୋଗ୍ୟତା ପାଇଁ ସମସ୍ତ ମାନଦଣ୍ଡ ରହିଛି। ଏହି ପରିପ୍ରେକ୍ଷୀରେ ଦୀର୍ଘ ଦିନ ହେଲା ଜିଲା ଦାବି ହେଉଛି। ଓଡ଼ିଶା ସରକାର ମଧ ବିଭିନ୍ନ ସମୟରେ କଣ୍ଟାବାଞ୍ଜି ଜିଲା ପ୍ରସ୍ତାବ ଉପରେ ବିଚାରଧୀନ ରହିଛନ୍ତି। ବର୍ତ୍ତମାନ ଓଡ଼ିଶା ସରକାରଙ୍କ ୩୧ଟି ନୂତନ ଜିଲା ଗଠନ ପ୍ରସ୍ତାବରେ ମଧ କଣ୍ଟାବାଞ୍ଜି ବିଚାରାଧୀନ ରହିଥିବା ଜଣାପଡିବା ପରେ କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ସଭାପତି ଶେଷଦେବ ପୁଟେଲଙ୍କଠାରୁ ମତପ୍ରକାଶ ପାଇଛି। ଏହି ବୈଠକରେ ବିଭିନ୍ନ ସଙ୍ଗଠନର ୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ସାମିଲ ଥିଲେ।

# ବଲାଙ୍ଗୀର ନାଗରିକ କମିଟିର ନୂତନ କର୍ମକର୍ତ୍ତା

**ଶ୍ରୀକର ସଭାପତି, ମଧୁସୂଦନ ସମ୍ପାଦକ**



ଡ. ଶ୍ରୀକର ମିଶ୍ର



ମଧୁସୂଦନ ନାୟକ

ବଲାଙ୍ଗୀର, ୨୩।୨
(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ସରକାରୀ ଟାଉନ ବାଳିକା ହାଇସ୍କୁଲ ସମ୍ମିଳନୀ କକ୍ଷରେ ରବିବାର ବଲାଙ୍ଗୀର ନାଗରିକ କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ ଡ. ଶ୍ରୀକର ମିଶ୍ର ସଭାପତି ଏବଂ ମଧୁସୂଦନ ନାୟକ ସମ୍ପାଦକ ନିର୍ବାଚିତ ହୋଇଥିବା ଜଣାପଡିଛି। ନାଗରିକ କମିଟିର ୨୧୭ଜଣ ସଭ୍ୟାସଭ୍ୟ ଭୋଟ ଦେଇଥିଲେ। ସଭାପତି ଭାବେ ଡ. ଶ୍ରୀକର ମିଶ୍ର ୧୬୬ ଭୋଟ ପାଇ ଜୟଯୁକ୍ତ ହୋଇଥିଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜିଲା ବ୍ରାହ୍ମଣ ମହାସଭା ସମ୍ପାଦକ ନରେନ୍ଦ୍ର ଆଚାର୍ଯ୍ୟ ୪୯ଟି ଭୋଟ ପାଇଥିଲେ। ଉପସଭାପତି ଭାବେ ନିତ୍ୟାନନ୍ଦ ମିଶ୍ର ୧୧୪ ଭୋଟ ପାଇ ବିଜୟୀ ହୋଇଥିଲେ। ସମ୍ପାଦକ ଭାବେ ମଧୁସୂଦନ ନାୟକ ୧୫୪ଟି ଭୋଟ, ଯୁଗ୍ମ ସମ୍ପାଦକ ଭାବେ ସୁନୀଲ ବିଶ୍ୱାଳ ୧୬୨ଟି ଭୋଟ ଓ କୋଷାଧ୍ୟକ୍ଷ ତ୍ରିନାଥ ସାହୁ ୧୫୮ଟି ଭୋଟ ପାଇ ନିର୍ବାଚିତ ହୋଇଥିଲେ। ପୂର୍ବରୁ ସତ୍ୟବାଦୀ ନାଏକ ଯୁଗ୍ମ କୋଷାଧ୍ୟକ୍ଷ ଭାବରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପ୍ରଦୀପ ସାହୁ, ତରୁଣ କୁମାର ମିଶ୍ର, ଅନିଲ କୁମାର ନନ୍ଦ, ପ୍ରକାଶ ନେପାକ, ସୁମିତ ରଞ୍ଜନ ପୁରୋହିତ, ଅଙ୍କୁଶ ପାଣ୍ଡିଆ, ଗୋପବନ୍ଧୁ ପୁରୋହିତ, ବିନୋଦ ବିହାରି ପାଣିଗ୍ରାହୀ, ଡା. ପ୍ରମୋଦ କୁମାର ମିଶ୍ର, ଶରତ ମହାକୁର, ମହେନ୍ଦ୍ର ଦର୍ଜି, ଚନ୍ଦ୍ରମଣି ଭାଟି, ମୋତିଲାଲ ସାହୁ, ପ୍ରଫୁଲ୍ଲ ମିଶ୍ର ଓ ପୀତାମ୍ବର ବନଛୋର ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ ସଭାପତି ଡ. ମିଶ୍ର ବଲାଙ୍ଗୀରର ସାମଗ୍ରିକ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଦ୍ୱିତୀୟବାର ତାଙ୍କୁ ସଭାପତି ଭାବେ ନିର୍ବାଚିତ କରିଥିବାରୁ ସେ ସମସ୍ତ ସଭ୍ୟଙ୍କୁ କୃତଜ୍ଞତା ଜଣାଇଥିଲେ।

# ଟିଟିଲାଗଡ଼ର ବିଭିନ୍ନ କୋର୍ଟ ପାଇଁ ସରକାରୀ ଓକିଲ ନିଯୁକ୍ତ

ଟିଟିଲାଗଡ଼, ୨୩।୨ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ର ବିଭିନ୍ନ କୋର୍ଟ ପାଇଁ ନୂତନ ଭାବରେ ସରକାରୀ ଓକିଲମାନଙ୍କୁ ନିଯୁକ୍ତି ଦିଆଯାଇଛି। ଏଡିଜେ କୋର୍ଟରେ ଏଜିପି ଭାବରେ ହନୁମାନ ବୀର କର୍ଣ୍ଣ, ଏପିପି କମ୍ବୁପାଣି ପାଢ଼ୀଙ୍କୁ ନିଯୁକ୍ତି ମିଳିଥିବାବେଳେ ସ୍ପେଶାଲ ପିପି ଏନଡିପିଏସ ପ୍ରଦୀପ ମହାପାତ୍ର, ସ୍ପେଶାଲ ପିପିଏସସିଏସଟି ଆକ୍ଟ ଡମ୍ବରୁଧର କର୍ମୀ, ସିଭିଲ କୋର୍ଟ (ସିନିୟର ଡିଭିଜନ) ଏଜିପି କ୍ଷୀରସିନ୍ଧୁ ସାହୁ, ଆସୋସିଏଟ ଲୟର ରାଜେଶ କୁମାର ବାବୁ , ସିଭିଲ ଜଜ (ଜୁନିଅର ଡିଭିଜନ)/ ଏସ୍‌ଡିଜେଏମ୍‌ରେ ଆସିଷ୍ଟାଣ୍ଡ ପିପି ତନୟ ଠାକୁର, ଗୋଳାଶ୍ରୀ ନଳିନୀ ରଞ୍ଜନ ଶତପଥି, ଜେଏମ୍ଏଫସି କୋର୍ଟରେ ଆସିଷ୍ଟାଣ୍ଡ ପିପି ପ୍ରୀତିମନ ନାଗ, ସନ୍ଧ୍ୟାରାଣୀ ଥାପା, ଉପଜିଲାପାଳଙ୍କ କୋର୍ଟରେ କିଶୋର ମହାପାତ୍ର ଏବଂ ତହସିଲ କୋର୍ଟରେ ଆଲୋକ ନାୟକଙ୍କୁ ସରକାରୀ ଓକିଲ ଭାବରେ ନିଯୁକ୍ତି ଦିଆଯାଇଛି। ସୋମବାର ଟିଟିଲାଗଡ଼ ବାର୍ ସଭା ଗୃହରେ ସାମ୍ବାଦିକ ସଂଘ ପକ୍ଷରୁ ସରକାରୀ ଓକିଲମାନଙ୍କୁ ପୁଷ୍ପଗୁଚ୍ଛ ତଥା ଉତ୍ତରୀୟ ପ୍ରଦାନ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# କର୍ମଚାରୀଙ୍କ ଅନୁପସ୍ଥିତିକୁ ନେଇ ବର୍ଷିଲେ ଉପଜିଲାପାଳ

ଲୋଇସିଂହା, ୨୩।୨ (ସୁଶାନ୍ତ ବାରିକ)

**ଲୋଇସିଂହା ତହସିଲ**

- କାର୍ଯ୍ୟାଳୟରେ ତାଲା ମାରିଲେ
- ଉପସ୍ଥାନରେ ଲାଲ ଛକି ପକାଇଲେ




ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲ ସୋମବାର ପୂର୍ବାହ୍ନ ୧୦ଟା ୩୦ରେ ଲୋଇସିଂହା ତହସିଲ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ତହସିଲଦାର ଟିକ୍ଲୁନ୍ ପୁଟା, ଜଣେ ଅସ୍ଥାୟୀ କର୍ମଚାରୀ ଓ କେତେକ ପିଅନ କାର୍ଯ୍ୟାଳୟରେ ଥିବା ଉପଜିଲାପାଳ ପଟେଲ ଦେଖିବାକୁ ପାଇଥିଲେ। ବାକି କର୍ମଚାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଜାଣି ଉପଜିଲାପାଳ ବିଗିଡି ଯାଇ ତହସିଲଦାରଙ୍କ ଉପରେ ବର୍ଷିଥିଲେ। ଉପଜିଲାପାଳ ପଟେଲ ଅନୁପସ୍ଥିତ କର୍ମଚାରୀଙ୍କ ଉପସ୍ଥାନ ଖାତାରେ ଲାଲ ଗାର ମାରି କର୍ମଚାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ବ୍ଲକ କାର୍ଯ୍ୟାଳୟକୁ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ତହସିଲଦାର ଓ ମୁଖ୍ୟ କିରାଣି ବ୍ଲକ କାର୍ଯ୍ୟାଳୟକୁ ଯାଇ ଉପଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ଉପଜିଲାପାଳ ତାଲା ପକାଇଥିବା ତହସିଲର କିରାଣି କାର୍ଯ୍ୟାଳୟ ତାଲା ଖୋଲି ଦିଆଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ବିଗତ କିଛିବର୍ଷ ଧରି ଲୋଇସିଂହା ତହସିଲ କର୍ମଚାରୀଙ୍କ ମନମାନୀ ବୃଦ୍ଧି ପାଇବାରେ ଲାଗିଛି। କେତେଜଣ ଅସ୍ଥାୟୀ କର୍ମଚାରୀଙ୍କୁ ଛାଡି ଦେଲେ ରେଗୁଲାର କର୍ମଚାରୀମାନେ କାର୍ଯ୍ୟାଳୟକୁ ନିର୍ଦ୍ଧାରିତ ସମୟରେ ନ ଆସି ବହୁତ ବିଳମ୍ବରେ ଆସୁଥିବା ନେଇ ଅଭିଯୋଗ ହେଉଥିଲା। ବ୍ଲକର ବିଭିନ୍ନ ଗ୍ରାମରୁ ବିଭିନ୍ନ କାର୍ଯ୍ୟନେଇ ତହସିଲକୁ ଆସୁଥିବା ଜନସାଧାରଣ ହଟହଟା ହେଉଛନ୍ତି। ସ୍ଥାନୀୟ ଆଇନଜୀବୀମାନେ କୌଣସି କାର୍ଯ୍ୟ ନେଇ ତହସିଲକୁ ଗଲେ ସେମାନଙ୍କୁ ମଧ୍ୟ ଅପଦସ୍ଥ ହେବାକୁ ପଡୁଛି। ଆଇନଜୀବୀଙ୍କ ଅଭିଯୋଗ ଅନୁଯାୟୀ ତହସିଲର କେତେଜଣ କର୍ମଚାରୀ ଗାଦି ମାଡି ବସିଥିବାରୁ ସେମାନଙ୍କ ଦୌରାତ୍ମ୍ୟ ଚରମସୀମାରେ ପହଞ୍ଚି ଯାଇଛି। କୌଣସି କାର୍ଯ୍ୟ ନେଇ ଖର୍ଚ୍ଚାନ୍ତ କରି ଦୂରଦୂରାନ୍ତରୁ ଆସୁଥିବା ଲୋକେ କେତେକ କର୍ମଚାରୀଙ୍କୁ କାର୍ଯ୍ୟାଳୟରେ ଅପେକ୍ଷା କରି ନ ପାଇ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା। ଗତ ଜାନୁଆରୀ ୨୮ରେ ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ତହସିଲରେ ଅଘୋଷିତ ଛୁଟିକୁ ନେଇ ମଧ୍ୟ ଚର୍ଚ୍ଚାର ବିଷୟ ହୋଇଥିଲା। ସୋମବାର ପୂର୍ବାହ୍ନ ୧୦ଟା ୩୦ ସୁଦ୍ଧା ତହସିଲର ଅତିରିକ୍ତ ତହସିଲଦାର, ମୁଖ୍ୟ କିରାଣି, ଜୁନିୟର ରେଭନ୍ୟୁ ଆସିଷ୍ଟାଣ୍ଡ, ରେଭନ୍ୟୁ ସୁପରଭାଇଜର, ସବ୍‌ରେଜିଷ୍ଟ୍ରାର, କନିଷ୍ଠ କିରାଣି ଆସି ନ ଥିବା ଦେଖିବାକୁ ପାଇଥିଲେ ଉପଜିଲାପାଳ। ଏହି ପରିଦର୍ଶନବେଳେ ସ୍ଥାନୀୟ ଜନସାଧାରଣଙ୍କ ସମେତ କେତେଜଣ ଆଇନଜୀବୀ କୌଣସି କାର୍ଯ୍ୟ ନେଇ ତହସିଲରେ ଉପସ୍ଥିତ ଥିଲେ। ତହସିଲଦାର ଟିକ୍ଲୁନ୍ ପୁଟାଙ୍କ ମୋବାଇଲ ସୁଇଚଅଫ୍ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ। ଉପଜିଲାପାଳ ପଟେଲ କହିଥିଲେ, ପୂର୍ବରୁ କର୍ମଚାରୀ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ରହିଥିଲା। ସେ ଅନ୍ୟ କାମରେ ଯାଇ ତହସିଲ ପରିଦର୍ଶନ କରି କର୍ମଚାରୀ ଅନୁପସ୍ଥିତ ଥିବା ଦେଖିଥିଲେ। ଯେଉଁ କର୍ମଚାରୀ ଅନୁପସ୍ଥିତ ଥିଲେ ସେମାନଙ୍କ ଗୋଟିଏ ଦିନର ଦରମା ବନ୍ଦ କରାଯାଇଛି।

ପ୍ରକାଶ ଯେ, ଲୋଇସିଂହା ଗସ୍ତ ଅବସରରେ ଉପଜିଲାପାଳ ପଟେଲ ସୁଜିଆ ବସ୍ତିକୁ ଯାଇ ଅନ୍ତ୍ୟୋଦୟ ଯୋଜନାରେ ଘର ପାଇଥିବା ସୁରୁବାଲି ଧରୁଆ, ଆଭା ହନୁମାନ ଏପରି ୪ ଜଣ ହିତାଧିକାରୀଙ୍କ ନିର୍ମାଣାଧୀନ ଗୃହ ପରିଦର୍ଶନ କରିଥିଲେ।

# ନବବଧୂ ଅପହର୍ତ୍ତାଙ୍କୁ ଧରିବାରେ ପୋଲିସ ବିଫଳ

**ବନ୍ଧୁକ ଦେଖାଇ କାର୍‌ରୁ ନବବଧୂଙ୍କୁ ଅପହରଣ ଘଟଣା**

- ଅପହରଣକାରୀ, ୨ ସହଯୋଗୀଙ୍କ କବ୍‌ଜାରେ ନବବଧୂ


ସଞ୍ଜୀବ ସାହୁ

ସୋନପୁର/ତରଭା, ୨୩।୨ (ମୃତ୍ୟୁଞ୍ଜୟ ଶତପଥୀ/ ମାନଭଞ୍ଜନ ମିଶ୍ର)

ବନ୍ଧୁକ ଦେଖାଇ କାର୍‌ରୁ ନବବଧୂଙ୍କୁ ଅପହରଣ ଘଟଣାରେ ସୁବର୍ଣ୍ଣପୁର ଜିଲା ତରଭା ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତ ତଥା ବୌଦ୍ଧ ଜିଲା କଣ୍ଟାମାଳ ଥାନା ବଡଛେପାପାଲି ଗ୍ରାମର ସଞ୍ଜିବ୍ ସାହୁ ଓରଫ ବୁଠି(୩୫)ଙ୍କୁ ଧରିବାରେ ବିଫଳ ହୋଇଛି। ଘଟଣାର ଗୋଟିଏ ଦିନ ବିତି ଯାଇଥିଲେ ମଧ୍ୟ ନବବଧୂ ଏବେ ବି ସଞ୍ଜିବ୍ ଓ ତାଙ୍କ ୨ ସହଯୋଗୀଙ୍କ କବ୍‌ଜାରେ ଅଛନ୍ତି। ପୋଲିସର ସ୍ୱତନ୍ତ୍ର ଟିମ୍ ଅନୁସନ୍ଧାନ ଜାରି ରଖିଥିଲେ ମଧ୍ୟ ନବବଧୂ, ଅପହରଣକାରୀ କିମ୍ବା ସହଯୋଗୀ କାହାରି ପତ୍ତା ମିଳିନାହିଁ। ଅପହରଣକାରୀ ଯୋଜନା ଅନୁସାରେ ଜଙ୍ଗଲରେ ଲୁଚିଥିବା ସନ୍ଦେହ କରାଯାଉଛି। ବଲାଙ୍ଗୀର ସହର କାମାକ୍ଷାନଗର ନିବାସୀ ହରିବନ୍ଧୁ ପୁଟେଲ(ରିଙ୍କୁ)ଙ୍କ ବିବାହ ଶନିବାର ରାତିରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ହୋଇଥିଲା। ବୈଦିକ ରୀତିନୀତି ଅନୁଯାୟୀ ବିବାହ ପରେ ଏକ ସୁସଜ୍ଜିତ କାରରେ ନବବଧୂଙ୍କୁ ଧରି ଘରକୁ ଫେରୁଥିଲେ ବରପକ୍ଷର ଲୋକେ। ହେଲେ ତରଭା ସହର ନିକଟସ୍ଥ ବଡବନ୍ଧ ନିକଟରେ ରବିବାର ଭୋର ୫ଟା ୧୫ରେ ବନ୍ଧୁକ ଓ ମାରଣାସ୍ତ୍ରର ଭୟ ଦେଖାଇ ସଞ୍ଜିବ୍ ସହଯୋଗୀଙ୍କ ସହାୟତାରେ କାରରୁ ନବବଧୂଙ୍କୁ ଅପହରଣ କରିଥିଲେ। ବୁଲାଣି ରାସ୍ତାରେ ବରକନ୍ୟାଙ୍କ କାରକୁ ଅଭିଯୁକ୍ତମାନେ ଆସିଥିବା କାତ ଓଭରଟେକ୍ କରିଥିଲା। ଅଭିଯୁକ୍ତମାନେ ବରକନ୍ୟା କାର ଅଟକାଇ ଥିଲେ। ଏହା ପରେ ସେମାନେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଆତଙ୍କ ସୃଷ୍ଟି କରିବା ସହ କାରରେ ଥିବା ନବବଧୂଙ୍କୁ ଟାଣି ନେଇ ଯାଇଥିଲେ। ମାରଣାସ୍ତ୍ର ଧରିଥିବାରୁ ବରପକ୍ଷର କେହି ବି ପ୍ରତିରୋଧ କରିବାକୁ ସାହସ କରି ନ ଥିଲେ। ତେବେ ଉକ୍ତ କାରରେ ବସିଥିବା କନ୍ୟାଙ୍କ ଜେଜେମା ଅପହରଣକାରୀ ସଞ୍ଜିବ ଓରଫ୍ ବୁଠିକୁ ଚିହ୍ନ ପାରିଥିଲେ। ସେ ଏ ସମ୍ପର୍କରେ ତରଭା ପୋଲିସକୁ ସୂଚନା ଦେଇଛନ୍ତି। ସଞ୍ଜିବ୍ ପୂର୍ବରୁ ବିବାହ କରିଛନ୍ତି। ତାଙ୍କର ୨ଟି ପିଲା ଅଛନ୍ତି। କିନ୍ତୁ ତାଙ୍କର ନବବଧୂଙ୍କ ସହିତ ପ୍ରେମ ସମ୍ପର୍କ ରହିଥିଲା। ନବବଧୂଙ୍କ ବାପା ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି। ତେଣୁ ନବବଧୂଙ୍କ କକା ଏହି ବିବାହ କରିଥିଲେ। ଏହି ବିବାହକୁ ସଞ୍ଜିବ୍ ବିରୋଧ କରୁଥିଲେ। ଶେଷରେ ସଞ୍ଜିବ୍ ସହଯୋଗୀଙ୍କୁ ଧରି ଯୋଜନାବଦ୍ଧ ଭାବେ ଏଭଳିକାଣ୍ଡ ଘଟାଇଥିବା ଜଣାପଡିଛି। ଏନେଇ ବର ହରିବନ୍ଧୁ ପୁଟେଲ ମଧ୍ୟ ତରଭା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ମାମଲା ପରେ ସଞ୍ଜିବ୍‌ଙ୍କୁ ପୋଲିସ ଖୋଜି ପାଉନି। ଏପଟେ ହରିବନ୍ଧୁଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ବରପକ୍ଷରୁ କନ୍ୟାଙ୍କୁ ବିବାହ ପୂର୍ବରୁ ସୁନା ହାର, ସୁନା ମଙ୍ଗଳ ସୂତ୍ର, ସୁନା କାନଫୁଲ ଓ ମୁଦି ଆଦି ଦେଇଥିଲେ। ପରିବାର ଲୋକେ ବହୁ କଷ୍ଟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପୁଅର ବିବାହ କରିଥିଲେ। ଏଭଳି ସ୍ଥିତିରେ ସେମାନେ ଚିନ୍ତାରେ ଅଛନ୍ତି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ କୁହନ୍ତି, ଅପହରଣକାରୀଙ୍କୁ ଧରିବା ପାଇଁ ତନାଘନା ଜାରି ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡିବେ।

# ରାମେଶ୍ୱର, ସୁବର୍ଣ୍ଣମେରୁ ପୀଠରେ ଲାଗିଲା ୱାଟର କୁଲର



ରାମେଶ୍ୱର ଶୈବପୀଠରେ ୱାଟର କୁଲର ଉଦ୍‌ଘାଟନ କରାଯାଉଛି।

**ଗ୍ରୀଷ୍ମରେ ଭକ୍ତଙ୍କ ତୃଷା ନିବାରଣ କରିବ**

ସୋନପୁର, ୨୩।୨ (ମୃତ୍ୟୁଞ୍ଜୟ ଶତପଥୀ)

ଭକ୍ତଙ୍କ ସୁବିଧା ପାଇଁ ସୁବର୍ଣ୍ଣପୁର ସହରର ପ୍ରସିଦ୍ଧ ଶୈବପୀଠ ରାମେଶ୍ୱର ଓ ସୁବର୍ଣ୍ଣମେରୁଙ୍କଠାରେ ୱାଟର କୁଲର ସ୍ଥାପନ କରାଯାଇଛି। ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମଋତୁ ଆସୁ ଥିବାରୁ ଏହା ଭକ୍ତଙ୍କ ତୃଷା ନିବାରଣ କରିବ। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସିଏସ୍‌ଆର କାର୍ଯ୍ୟକ୍ରମ ମାଧ୍ୟମରେ ଏହା ପ୍ରଦାନ କରାଯାଇଛି। ଦ୍ୱିତୀୟ ବାରାଣାସୀ ଭାବେ ବିବେଚିତ ଏହି ସହରର ପୂର୍ବ ଦିଗ ମହାନଦୀ--ତେଲନଦୀ (ତ୍ରିବେଣୀ)ସଙ୍ଗମରେ ସ୍ଥାପିତ ଏହି କିମ୍ବଦନ୍ତୀ ଐତିହାସିକ ମନ୍ଦିର ଓ ତେଲ ନଦୀ କୂଳରେ ପୂଜା ପାଉଥିବା ସୁବର୍ଣ୍ଣପୁରର ଇଷ୍ଟଦେବ ସୁବର୍ଣ୍ଣମେରୁ ମନ୍ଦିରକୁ ପ୍ରାୟ ପ୍ରତ୍ୟେକ ଦିନ ଶତାଧିକ ଭକ୍ତ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଆସିଥାନ୍ତି। ଏହା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପର୍ଯ୍ୟଟକଙ୍କ ମଧ୍ୟ ଭିଡ ଦେଖିବାକୁ ମିଳେ। ଏତଦବ୍ୟତୀତ ଏହି ସ୍ଥାନର କୀର୍ତ୍ତି ଓ ମାହାତ୍ମ୍ୟ ଯୋଗୁ ସ୍ଥାନୀୟ ଅଞ୍ଚଳ ସହ ଦୂରଦୂରାନ୍ତରୁ ଲୋକମାନେ ଏଠାରେ ଥିବା ରାମେଶ୍ୱର ସ୍ୱର୍ଗଦ୍ୱାରକୁ ଶବ ସତ୍କାର ପାଇଁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଭକ୍ତ ଓ ପର୍ଯ୍ୟଟକମାନଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ ବ୍ୟାଙ୍କ ତରଫରୁ ସମ୍ବଲପୁର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ୨ ମନ୍ଦିରକୁ ୨ଟି ୱାଟର କୁଲର ପ୍ରଦାନ କରିଥିଲେ। ସୋନପୁର ଶାଖା ପରିଚାଳକ ଶ୍ୟାମ ସୁନ୍ଦର ମହାଲିଙ୍ଗ, ଉପୁଲା ପରିଚାଳକ ପ୍ରୀତମ ସାହୁ, ବିନିକା ପରିଚାଳକ ସୁବାସିନୀ ଖମାରୀଙ୍କ ସମେତ ଭକ୍ତ, ପର୍ଯ୍ୟଟକ, ମନ୍ଦିର ପୂଜକ ଓ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ବରପକ୍ଷଙ୍କୁ ଧନହାନି ପ୍ରାଣପୀଡ଼ା

- ଗ୍ରୁପ୍‌ଋଣ, ଧାରକରଜ କରି ବାପଛେଉଣ୍ଡ ପୁଅକୁ ବିବାହ କରାଉଥିଲେ ମା'
- ନବବଧୂ ଅପହରଣ ପରେ ଘାରୁଛି ଋଣ ପରିଶୋଧ ଚିନ୍ତା

ବଲାଙ୍ଗୀର, ୨୩।୨(ବୀରେନ୍ଦ୍ର କୁମାର ଝାଙ୍କର)

ବନ୍ଧୁକ ଦେଖାଇ ନବବଧୂ ଅପହରଣ ଘଟଣା ବଲାଙ୍ଗୀର କାମାକ୍ଷୀ ନଗରର ପୁଟେଲ ପରିବାର ପାଇଁ ଧନହାନୀ ପ୍ରାଣପୀଡା ସଦୃଶ ହୋଇଛି। ଏହି ଅଘଟଣ ପୁଟେଲ ପରବାରକୁ ଏକପ୍ରକାର ଭାଙ୍ଗି ଦେଇଛି। ବାପ ଛେଉଣ୍ଡ ପୁଅକୁ ବାହା କରି ତା'ର ଘରସଂସାର ଗଢ଼ିବାର ସ୍ୱପ୍ନ ଦେଖିଥିବା ମା' ଆଖିରେ ଏବେ ଧାର ଧାର ଲୁହ। ଗ୍ରୁପ୍ ଋଣ ଓ ବିଭିନ୍ନ ଲୋକଙ୍କଠାରୁ ଧାରକରଜ କରି ଲକ୍ଷାଧିକ ଟଙ୍କା ଯୋଗାଡ କରିବା ପରେ ପୁଅକୁ ଧୁମ୍‌ଧାମରେ ବାହା କରିବେ ବୋଲି ମା' ଭାବିଥିଲେ। ହେଲେ ସବୁକିଛି ଓଲଟପାଲଟ ହୋଇଗଲା। ଏହି ପରିବାରକୁ ଘାରିଛି ଏବେ ଲକ୍ଷାଧିକ ଟଙ୍କାର ଋଣ ଚିନ୍ତା। କେମିତି ପରିଶୋଧ କରିବେ ଏବଂ ପୁଅର ଭାଗ୍ୟ ଆଗକୁ କ'ଣ ହେବ ସେଇ ଚିନ୍ତାରେ ଅଛନ୍ତି ପରିବାର ସଦସ୍ୟ।

ପ୍ରକାଶ ଯେ, ବଲାଙ୍ଗୀର କାମାକ୍ଷୀ ନଗରର ଶୋଭାଗିନୀ ପୁଟେଲଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ। ପ୍ରାୟ ୧୪/୧୫ ବର୍ଷ ତଳେ ସ୍ୱାମୀ ଗର୍ଜନ ପୁଟେଲଙ୍କ ଅକାଳ ବିୟୋଗ ପରେ ବହୁ କଷ୍ଟ କରି ୩ବାପ ଛେଉଣ୍ଡ ଛୁଆକୁ ପାଳିଥିଲେ। ବାବା ଆଶ୍ରମ ସ୍କୁଲ ଛାତ୍ରାବାସରେ ସହଯୋଗୀ ଭାବେ କାମ କରି ପରିବାର ଚଳାଉଥିଲେ। ବହୁ କଷ୍ଟରେ ୨ଝିଅଙ୍କୁ ବାହା କରିବା ପରେ ଏକମାତ୍ର ପୁଅ ହରିବନ୍ଧୁକୁ ବାହା କରିବା ପାଇଁ ସବୁପ୍ରକାଶ ଉଦ୍ୟମ କରିଥିଲେ। ପ୍ରାୟ ୩ମାସ ପୂର୍ବରୁ ବାହାଘର ଉପକ୍ରମ ଆରମ୍ଭ ହୋଇଥିଲା। ବୌଦ୍ଧ ଜିଲା କଣ୍ଟାମାଳ ଯାଇ ଝିଅ ରଶ୍ମିକୁ ପସନ୍ଦ କରିଥିଲେ ହରିବନ୍ଧୁ। ବିବାହ ତାରିଖ ନିର୍ଦ୍ଧାରିତ ହେବା ପରେ ହରିବନ୍ଧୁ ଓ ରଶ୍ମି ଅନେକ ସମୟରେ ଫୋନ୍‌ରେ କଥାବାର୍ତ୍ତା ବି ହେଉଥିଲେ। ହରିବନ୍ଧୁ କହିଛନ୍ତି, ଝିଅଟି ଯେଭଳି ଫୋନ୍‌ରେ ମନଖୋଲି କଥାବାର୍ତ୍ତା କରୁଥିଲେ ସେଥିରୁ କିଛି ଅଘଟଣ ଘଟିବ ବୋଲି ଆଶଙ୍କା କରିପାରି ନ ଥିଲେ। ଏଣୁ କଥା ଆଗକୁ ବଢ଼ିଥିଲା। ବାହାଘର ତାରିଖ ପାଖେଇ ଆସିବା ପରେ ଏକ ଅଜଣା ନମ୍ବରରୁ ହରିବନ୍ଧୁଙ୍କ ପାଖକୁ ଫୋନ୍ ଆସିଥିଲା। ସେହି ଝିଅକୁ ବାହା ନ ହେବା ପାଇଁ କେହି ଜଣେ ଧମକାଇଥିଲେ। ଏନେଇ ଝିଅ ପରିବାରକୁ ସୂଚନା ଦେଇଥିଲେ ହରିବନ୍ଧୁ। ଏଭଳିକି ଝିଅକୁ ମଧ୍ୟ ଏ ବିଷୟରେ ପଚାରି ବୁଝିଥିଲେ। ଝିଅ ଏବଂ ପରିବାର ସେଭଳି କିଛି ବି ନାହିଁ କହି କଥାକୁ ହାଲୁକା କରିଦେଇଥିଲେ। ଫଳରେ ହରିବନ୍ଧୁ ଓ ତାଙ୍କ ପରିବାର ଲୋକେ ମଧ୍ୟ ଚିନ୍ତାମୁକ୍ତ ହୋଇ ଆଗକୁ ବଢ଼ିଥିଲେ। ଏକମାତ୍ର ପୁଅକୁ ଧୁମ୍‌ଧାମ୍‌ରେ ବାହା କରିବେ ବୋଲି ଭାବିଥିଲେ। ଗ୍ରୁପ୍‌ଋଣ ଏବଂ ଧାରକରଜ କରି ପ୍ରାୟ ୭/୮ ଲକ୍ଷ ଟଙ୍କା ଯୋଗାଡ କରିଥିଲେ। ବୋହୂକୁ ପ୍ରାୟ ୩ଲକ୍ଷ ଟଙ୍କାର ସୁନାହାର, କାନଫୁଲ, ମୁଦି ଏବଂ ଅନ୍ୟ ଗହଣା ପିନ୍ଧାଇଥିଲେ। ଧୁମ୍‌ଧାମରେ ବାହାଘର ସରିଥିବାରୁ ରବିବାର ୧୨ଟାରୁ ବରପକ୍ଷ ଭୋଜି ପାଇଁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ସାଜସଜ୍ଜା କରିଥିଲେ। ନବବଧୂକୁ ଧରି ହରିବନ୍ଧୁ ଖୁସି ମନରେ ଘରକୁ ଫେରିବା ବାଟରେ ତରଭା ସହର ଉପକଣ୍ଠ ଏକ ବନ୍ଧ ନିକଟରେ ଭୋର ପ୍ରାୟ ୪ଟାବେଳେ ବନ୍ଧୁକ ଦେଖାଇ ନବବଧୂକୁ ଅପହରଣ କରିନେଲେ ଅପହରଣକାରୀ।

ଅପହରଣ ସମୟର ଘଟଣା ବଖାଣିବା ବେଳେ ଭୟଭୀତ ହୋଇପଡୁଛନ୍ତି ହରିବନ୍ଧୁ ଓ ତାଙ୍କ ପରିବାର ସଦସ୍ୟ। ପୁଅ ହରିବନ୍ଧୁ ଅକ୍ଷତ ଅବସ୍ଥାରେ ଘରକୁ ଫେରିଥିବାରୁ ଆଶ୍ୱସ୍ତି ପ୍ରକାଶ କରିଥିଲେ ବି କିଭଳି ସେ ଲକ୍ଷାଧିକ ଟଙ୍କାର ଋଣ ପରିଶୋଧ କରିବେ ଏବଂ ଆଗକୁ ପୁଅର ଭାଗ୍ୟ କ'ଣ ହେବ ସେହି ଚିନ୍ତାରେ ଅଛନ୍ତି ମା' ଶୋଭାଗିନୀ। ନବବଧୂକୁ ପିନ୍ଧାଇଥିବା ଅଳଙ୍କାର ଓ ଖର୍ଚ୍ଚ କରିଥିବା କିଛି ଟଙ୍କା ଯଦି ସେ ଫେରି ପାଇବେ ତେବେ ବଡ ଉପକାର ହୁଅନ୍ତା ବୋଲି ଶୋଭାଗିନୀ କହିଛନ୍ତି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର


ଜିଲାପାଳ ଡ. ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାଏକ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଡୁଙ୍ଗୁରିପାଲି, ୨୩।୨(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର କର୍ଲାପୁରୀ ଗ୍ରାମପଞ୍ଚାୟତ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନୃପରାଜ ସାହୁ ଓ ଏସ୍‌ପି ନାରାୟଣ ନାଏକ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୧୬ ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ସେଥିରୁ ବ୍ୟକ୍ତିଗତ ଦରଖାସ୍ତ ୯୮ ଓ ୧୮ଟି ସାମୂହିକ ଅଭିଯୋଗ ଥିଲା। ୨ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥିଲା। ସମସ୍ତ ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ସଞ୍ଜୀବ କୁମାର ବାଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଡେପୁଟି କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶନୀ ସାହୁ, ଉପ ଜିଲାପାଳ ସିଦ୍ଧାର୍ଥ ଶେଖର ଦାସ, ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ରାମପୁର ତହସିଲଦାର ବିମଳ କିଶୋର ପାତ୍ର, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସିଡିପିଓ ମୌସୁମୀ ମାଇଟି, ପୂର୍ତ୍ତ ବିଭାଗ ଏଇଇ ଅମୂଲ୍ୟରତ୍ନ ସାମିନି, ଜିଲା ପରିମଳ ଓ ଗ୍ରାମ୍ୟଜଳ ଯୋଗାଣ ଏସଡିଓ ଶ୍ରୀକାନ୍ତ ସାହୁ, ଯନ୍ତ୍ରୀ ହିମାଦ୍ରୀ ପଧାନ, କର୍ଲାପୁରୀ ଗ୍ରାମପଞ୍ଚାୟତ ସରପଞ୍ଚ ସୁଜାତା ସେଠୀ, ନିର୍ବାହୀ ଅଧିକାରୀ ସୁରେଶ କୁମାର ଦୀପ, ଜିଲା ହସ୍ତତନ୍ତ୍ର ଓ ବୟନଶିଳ୍ପ ବିଭାଗ ଇନ୍‌ସପେକ୍ଟର ଲିପୁନ ପରିଡା, ଜିଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। ଅବସରପ୍ରାପ୍ତ ସେନାବାହିନୀ ସଂଘ ସଭାପତି ଭୋଜରାଜ ଦଣ୍ଡସେନାଙ୍କ ନେତୃତ୍ୱରେ ଡୁଙ୍ଗୁରିପାଲିଠାରେ ଏକ ସୈନିକ ସଂଘ ସଭାଗୃହ ପାଇଁ ଜମି ବ୍ୟବସ୍ଥା କରିବା ନେଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ।

# ଲେପ୍ରା ସୋସାଇଟିର ୩୭ତମ ପ୍ରତିଷ୍ଠା ଦିବସ

ସୋନପୁର, ୨୩।୨ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଲେପ୍ରା ସୋସାଇଟି ସମ୍ମିଳନୀ କକ୍ଷରେ ୩୭ ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ଲେପ୍ରା ସୋସାଇଟି ଓଡ଼ିଶା ରାଜ୍ୟ ଆମ୍ବାସାଡର ଗୋରେଖନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ସୁବର୍ଣ୍ଣପୁର ଜିଲା କୁଷ୍ଠ ଅଧିକାରୀ ଡାକ୍ତର ତ୍ରିବିକ୍ରମ ପାଣ୍ଡିଆ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଜିଲା କୁଷ୍ଠ ରୋଗ ସଂଯୋଜକ ଗୌରିଶଙ୍କର ପଣ୍ଡା ସମ୍ମାନିତ ଅତିଥି ଓ ହରୀତା ସାହୁ ସମ୍ମାନିତ ବକ୍ତାଭାବେ ଯୋଗଦେଇଥିଲେ। କୁଷ୍ଠମୁକ୍ତ ସାଧୁ ଅରୁଣ ସୁନା ଅନ୍ୟତମ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ତାଙ୍କର ଦୀର୍ଘ ୩୭ ବର୍ଷର ଅନୁଭୂତିକୁ ବର୍ଣ୍ଣନା କରିବା ସହ କୁଷ୍ଠ ରୋଗର ପ୍ରତିଷେଧ, ନିରାକରଣ ତଥା ସାମାଜିକ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଫିଜିଓ ଥେରାପିଷ୍ଟ ବାଲଗୋପାଳ ନାଗ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବର୍ଷାରାଣୀ ସାହୁ, ଗୋବିନ୍ଦ ଦୀପ ପ୍ରମୁଖ ସହଯୋଗ କରିଥିଲେ। କାହ୍ନୁଚରଣ ଡାକୁଆ ଧନ୍ୟବାଦ ପ୍ରଦାନ କରିଥିଲେ।



ଦିବସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

# କଣ୍ଟାବାଞ୍ଜିକୁ ଜିଲା ଦାବି ତେଜିଲା

**ଆନ୍ଦୋଳନ ପାଇଁ ଜିଲା ସଂଘର୍ଷ ସମିତିର ସଜବାଜ**

କଣ୍ଟାବାଞ୍ଜି, ୨୩।୨(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜିକୁ ଏକ ସ୍ୱତନ୍ତ୍ର ଜିଲା କରିବାକୁ ଦାବି ତେଜୁଛି। କଣ୍ଟାବାଞ୍ଜି ଜିଲା ଘୋଷଣା ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସ୍ଥାନୀୟ ଶ୍ରୀହରି ଭବନରେ ଅନୁଷ୍ଠିତ ବୈଠକରେ ମତ ପ୍ରକାଶ ପାଇଛି। କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀର କଣ୍ଟାବାଞ୍ଜି ଏନଏସି, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ୩ଟି ବ୍ଲକକୁ ନେଇ ଏକ ସ୍ୱତନ୍ତ୍ର ଜିଲା ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ବଲାଙ୍ଗୀର ଜିଲାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଜିଲା ଅଞ୍ଚଳବାସୀଙ୍କ ମୁଖ୍ୟ ଦାବି। ବଲାଙ୍ଗୀର ଜିଲା ସଦର ମହକୁମାଠାରୁ କଣ୍ଟାବାଞ୍ଜି ୮୦ କି.ମି. ଦୂରତା ଥିବା ବେଳେ ତୁରେକେଲା ବ୍ଲକ କନ୍ଦେଇ ପଞ୍ଚାୟତର ଜୁବାମାଲ, ହଲନଭଟା ପଞ୍ଚାୟତର କୁଶପାଲି, ବଙ୍ଗୋମୁଣ୍ଡା ବ୍ଲକର ଜାମଖୁଣ୍ଟା, ତୁରେକେଲା ପଞ୍ଚାୟତ, ମୁରିବାହାଲ ବ୍ଲକର ଭିଟାବନ୍ଧ ପଞ୍ଚାୟତ ଆଦି ବଲାଙ୍ଗୀର ଜିଲା ସଦର ମହକୁମାକୁ ୧୫୦ରୁ ଊର୍ଦ୍ଧ୍ୱ କି.ମି. ଦୂରତା ରହିଛି। କଣ୍ଟାବାଞ୍ଜି ଜିଲା ଯୋଗ୍ୟତା ପାଇଁ ସମସ୍ତ ମାନଦଣ୍ଡ ରହିଛି। ଓଡ଼ିଶା ସରକାର ମଧ୍ୟ ବିଭିନ୍ନ ସମୟରେ କଣ୍ଟାବାଞ୍ଜି ଜିଲା ପ୍ରସ୍ତାବ ଉପରେ ବିଚାରଧୀନ ରହିଛନ୍ତି। ବର୍ତ୍ତମାନ ସରକାରଙ୍କ ୩୧ଟି ନୂତନ ଜିଲା ଗଠନ ପ୍ରସ୍ତାବରେ ମଧ୍ୟ କଣ୍ଟାବାଞ୍ଜି ବିଚାରାଧୀନ ଥିବା ଜଣାପଡିବା ପରେ କଣ୍ଟାବାଞ୍ଜି ଜିଲା ସଂଘର୍ଷ ସମିତି ଆନ୍ଦୋଳନ ସଜବାଜ ହେଉଥିବା ସଭାପତି ଶେଷଦେବ ପୁଟେଲଙ୍କଠାରୁ ମତପ୍ରକାଶ ପାଇଛି।

# ଶୃଙ୍ଖଳିତ ଯାତ୍ରା ସମାପନ ଉପରେ ଗୁରୁତ୍ୱ

**୨୮ରୁ ଆରମ୍ଭ ହେବ ବୀରମହାରାଜପୁର ଦୋଳ ମହୋତ୍ସବ**

ବୀରମହାରାଜପୁର, ୨୩।୨ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପ୍ରସିଦ୍ଧ ଦୋଳ ଯାତ୍ରା ତଥା ଫଗୁନପୁନି ଯାତ୍ରା ଫାଲଗୁନ ଶୁକ୍ଳ ଏକାଦଶୀ ତିଥିରୁ ଆରମ୍ଭ ହୋଇଥାଏ। ଏଥିପାଇଁ ବିଭିନ୍ନ ଯାତ୍ରା କମିଟି ତରଫରୁ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସୋମବାର ବୀରମହାରାଜପୁର ବ୍ଲକ ସଭାଗୃହ ଗୃହଠାରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର, ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ବିଡ଼ିଓ ରାଜିବ କୁମାର ହାଁସଦା, ବ୍ଲକ ଉପାଧ୍ୟକ୍ଷ ତଥା ଫଗୁନପୁନି ମହୋତ୍ସବର ସାଂସ୍କୃତିକ ମୁଖ୍ୟ ନାରାୟଣ ଲୁହା, ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ହୋଇ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବୀରମହାରାଜପୁର ନାମଯଜ୍ଞ କମିଟି ତରଫରୁ ବ୍ଲକ କଲ୍ୟାଣ ମଣ୍ଡପଠାରେ ଆଗାମୀ ୨୮ତାରିଖରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ ସମାରୋହ, ସମ୍ବଲପୁର ନାଚ ଗୀତ ସହିତ ଅତିଥି ମାନେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିବେ। ମାର୍ଚ୍ଚ ୩ ତାରିଖ ସନ୍ଧ୍ୟା ୬ଟାରୁ ଭୋର୍ ୪ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବ୍ଲକ ଉପାଧ୍ୟକ୍ଷ ଲୁହା ସୂଚନା ଦେବା ସହିତ କେଉଁ ଦିନ କି କାର୍ଯ୍ୟକ୍ରମ ରହିଛି ତାହାର ସୂଚନା ପ୍ରଦାନ କରିଥିଲେ ପ୍ରଭାତ କୁମାର ଦାସ। ବୈଠକରେ ବୀରମହାରାଜପୁର ନାମଯଜ୍ଞ କମିଟି କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପଣ୍ଡା, ଦୟାନିଧି ହୋତା, ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ଦାମୋଦର ହୋତା, ଚମରା ମହାକୁଡ, ମନରଞ୍ଜନ ତରିଆଙ୍କ ସହ କମିଟିର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ।


ବୀରମହାରାଜପୁର ଦୋଳ ମହୋତ୍ସବ ପାଇଁ ଆୟୋଜିତ ଖବରଦାତା ସମ୍ମିଳନୀ।

# ୨ ଦିନରେ ୨ କିଡ୍‌ନୀ ଆକ୍ରାନ୍ତଙ୍କ ମୃତ୍ୟୁ

**ମୃତକଙ୍କୁ ମିଳୁନି ସରକାରୀ ସହାୟତା**


ପ୍ରହ୍ଲାଦ ପ୍ରଧାନ


ସାମନ୍ତ କୁମ୍ଭାର

ଅମରପାଲି, ୨୩।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ କିଡ୍‌ନୀ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗତ ଦୁଇଦିନ ମଧ୍ୟରେ ୨ କିଡନୀ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗତ ୨୦ ତାରିଖ ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତ ଗୁଦୁଗୁଦା ଗ୍ରାମର ପ୍ରହ୍ଲାଦ ପଧାନ(୭୩)ଙ୍କ କିଡ଼ନୀ ରୋଗରେ ମୃତ୍ୟୁ ଘଟିଥିବା ବେଳେ ୨୧ତାରିଖରେ ବୀରମହାରାଜପୁର ଉପଖଣ୍ଡ ସୂଚନା କେନ୍ଦ୍ର ଓ ପାଠାଗାରରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସାମନ୍ତ କୁମ୍ଭାର(୫୮)ଙ୍କ ଏଡି ରୋଗରେ ମୃତ୍ୟୁ ଘଟିଛି। ଉଭୟେ ଦୀର୍ଘଦିନ ହେଲା କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ।

ବହଳପଦର ପଞ୍ଚାୟତ ଗୁଦୁଗୁଦା ଗ୍ରାମର ପ୍ରହ୍ଲାଦ ପ୍ରଧାନ ୨୦୧୬ରୁ କିଡ଼ନୀ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଜର ହେବାରୁ ପ୍ରଥମେ ବୀରମହାରାଜପୁର ଚିକିତ୍ସାଳୟରେ ଚିକିତ୍ସା ହୋଇଥିଲେ। ମାତ୍ରେ ନ କମିବାରୁ ସେ ସୋନପୁର ଓ ପରେ ସମ୍ବଲପୁର ଡାକ୍ତରଖାନା ଯାଇ ଚିକିତ୍ସା ହୋଇଥିଲେ। ସମ୍ବଲପୁରରେ ପରୀକ୍ଷା ପରେ ତାଙ୍କୁ କିଡ଼ନୀ ରୋଗ ହୋଇଥିବା ଜଣାପଡିଥିଲା। ପରେ ସେ ବୁର୍ଲା ବଡ଼ ଡାକ୍ତରଖାନା ଯାଇ ଚିକିତ୍ସିତ ହୋଇଥିଲେ। ସେଠାରେ ରୋଗ ଭଲ ନ ହେବାରୁ ସେ କଟକ ବଡ଼ ମେଡ଼ିକାଲ ଓ ଭୁବନେଶ୍ୱରର ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ସ୍ତ୍ରୀଙ୍କର ୨ବର୍ଷ ପୂର୍ବରୁ ମୃତ୍ୟୁ ଘଟିଥିଲା। ବଡଝିଅର ବିବାହ ହୋଇସାରିଛି। ପ୍ରହ୍ଲାଦଙ୍କ ମୃତ୍ୟୁ ପରେ ଏବେ ସାନଝିଅ ପ୍ରତିମାରାଣୀ ଏକୁଟିଆ ହୋଇଯାଇଛନ୍ତି। ସେହିପରି ବୀରମହାରାଜପୁର ଉପଖଣ୍ଡ ସୂଚନା କେନ୍ଦ୍ର ଓ ପାଠାଗାରର ଚତୁର୍ଥ ଶ୍ରେଣୀ କର୍ମଚାରୀ ସାମନ୍ତ କୁମ୍ଭାର ମଧ୍ୟ ଦୁଇବର୍ଷ ହେଲା କିଡ଼ନୀ ରୋଗର ଆକ୍ରାନ୍ତ ହୋଇଥିଲେ। ସେ ମଧ୍ୟ ଧାରକରଜ କରି ଚିକିତ୍ସିତ ହେଉଥିଲେ। ସାମନ୍ତଙ୍କ ଘର ବଲାଙ୍ଗୀର ଜିଲା ଗଏଁତଲା ଗ୍ରାମରେ।

ସେହିପରି ଫେବୃଆରୀ ପ୍ରଥମ ସପ୍ତାହରେ ଦାଦରପାଲି ଗ୍ରାମର ପୁରନ୍ଦର ଭେସେରା(୪୫)ଙ୍କ କିଡ଼ନୀ ରୋଗର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ସେ କୁଲିମଜୁରି କରି ପରିବାର ଚଳାଉଥିଲେ। ତାଙ୍କ ମୃତ୍ୟୁ ପରେ ପୁରନ୍ଦରଙ୍କ ପରିବାର ଲୋକ ଏବେ ଅସହାୟ ହୋଇ ପଡିଛନ୍ତି। କିଡ଼ନୀ ରୋଗୀଙ୍କ ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ କେତେକଙ୍କ ଘରକୁ ଯାଇ କେବଳ ପଚରାଉଚରା କରି କାମ ସାରି ଦେଉଛନ୍ତି। ମାତ୍ର ସମ୍ପୃକ୍ତ ପରିବାରକୁ କୌଣସି ଆର୍ଥିକ ସହାୟତା ପ୍ରଦାନ କରାଯାଉନାହିଁ। ଏପରିକି ଏହି ଅଞ୍ଚଳରୁ ଏତେ ସଂଖ୍ୟକ କିଡ଼ନୀ ରୋଗୀଙ୍କ ମୃତ୍ୟୁ ଘଟୁଥିଲେ ମଧ୍ୟ ପ୍ରତିକାର ପାଇଁ ଆଖିଦୃଶିଆ କୌଣସି ପଦକ୍ଷେପ ନିଆଯାଉନାହିଁ। ଏବେ ମଧ୍ୟ ବୀରମହାରାଜପୁର ଅଞ୍ଚଳରେ ଶତାଧିକ କିଡ଼ନୀ ରୋଗୀ ଥିଲେ ମଧ୍ୟ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ମିଳିପାରୁନାହିଁ। ଏହି ଅଞ୍ଚଳର ଗୁରୁତର କିଡନୀ ରୋଗୀମାନେ ଡାଏଲିସିସ ପାଇଁ ବୌଦ୍ଧ, ସମ୍ବଲପୁର, ବୁର୍ଲା, ସୋନପୁର ମେଡ଼ିକାଲ ଉପରେ ନିର୍ଭର କରୁଛନ୍ତି। ଏ ନେଇ ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ଅଧ୍ୟକ୍ଷ ସୁବାଷ ପଣ୍ଡାଙ୍କୁ ତାଙ୍କ ମୋବାଇଲ ନଂ.୮୦୯୩୬୬୭୮୪୪ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ କଲ୍ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

# ସରସତିଆ ସମ୍ବଲପୁରୀ ମିଷ୍ଟାନ୍ନର ପରିଚୟ

**ସମ୍ବଲପୁର,୨୩।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରର ପାରମ୍ପରିକ ମିଷ୍ଟାନ୍ନ ସରସତିଆର ଆଦର ଦନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଏହାକୁ ଜିଆଇ ଟ୍ୟାଗ କରାଯିବାକୁ ଦାବି କରାଯାଇ ଆସୁଛି। ଏହାର ଅଧିକ ପ୍ରଚାର ପ୍ରସାର ପାଇଁ ଫେବୃଆରୀ ୨୩କୁ ସରସତିଆ ଦିନଭାବେ ଗତ ବର୍ଷଠାରୁ ପାଳନ କରାଯାଇ ଆସୁଛି। ଚଳିତବର୍ଷ ଦ୍ୱିତୀୟ ଥର ପାଇଁ ସ୍ଥାନୀୟ ସାମ୍ବାଦିକ ଭବନରେ ସରସତିଆ ଦନ ପାଳିତ ହୋଇଥିଲା। ଅତିଥିଭାବେ ଓରମାସ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମନ୍ତ ହୋତା, ବରିଷ୍ଠ ଆଇନଜୀବୀ ଡ. ପ୍ରମୋଦ ରଥ, ସମ୍ବଲପୁରୀ ଧନୁଯାତ୍ରାର କଂସ ଭୂମିକାରେ ଅଭନୟ କରୁଥିବା ଫଣୀନ୍ଦ୍ର ପଣ୍ଡା, ସାମାଜିକ କର୍ମୀ ସଞ୍ଜୟ ମହାପାତ୍ର, ସଞ୍ଜିବ ପ୍ରସାଦ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସରସତିଆ ପ୍ରସ୍ତୁତକାରୀ ପ୍ରଭୁଲାଲ ଗୁପ୍ତା ଓ ରେଖା ଗୁପ୍ତା ଉପସ୍ଥିତ ଥିଲେ। ସରସତିଆକୁ ନେଇ ଏକ ବୁକଲେଟ ସରସତିଆ ଦିନ ନାମରେ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସରସତିଆକୁ କିପରି ଜିଆଇ ଟ୍ୟାଗ ମିଳିପାରିବ ଏବଂ ଏହାର ଅଧିକ ପ୍ରଚାର ପ୍ରସାର ହୋଇ ପାରିବ ସେନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରସତିଆ ସମ୍ବଲପୁରୀ ମିଷ୍ଟାନ୍ନର ପରିଚୟ ବୋଲି ଅତିଥିମାନେ ମତ ଦେଇଥିଲେ।



ସରସତିଆ ଦିନ ଅବସରରେ ବୁକ୍‌ଲେଟକୁ ଉନ୍ମୋଚନ କରାଯାଉଛି।

ସମ୍ବଲପୁର କୁଞ୍ଜେଲପଡା ଛକ ନିକଟରେ ରହିଥିବା ଦେଢଶହ ବର୍ଷ ପୁରୁଣା ସରସତିଆ ଦୋକାନ ବର୍ତ୍ତମାନ ସମୟରେ ସରସତିଆପ୍ରେମୀଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି। ତେବେ ପାରମ୍ପରିକ ଢଙ୍ଗରେ ସେଠାରେ ସରସତିଆ ତିଆରି ହୋଇ ଆସୁଥିବା ବେଳେ ଗ୍ରାହକଙ୍କ ଚାହିଦା ତୁଳନାରେ ଆବଶ୍ୟକ ପରିମାଣର ସରସତିଆ ତିଆରି କରି ପାରୁ ନ ଥିବା ପ୍ରସ୍ତୁତକାରୀ ପ୍ରଭୁଲାଲ ଗୁପ୍ତା କହିଥିଲେ। ତେବେ ସରସତିଆ ପାଇଁ ଆବଶ୍ୟକ ଗଞ୍ଜେର ଗଛର କାଠି ମିଳି ପାରୁ ନ ଥିବା ସବୁଠାରୁ ବଡ ସମସ୍ୟା ପାଲଟିଥିବା କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଗଞ୍ଜେର ଗଛର ଆବଶ୍ୟକତା ପୂରଣ ସହ ସରସତିଆର ଆାବ୍ୟକତା ପୂରଣ କିପରି ହୋଇପାରିବ ସେନେଇ ଚର୍ଚ୍ଚା କରାଯାଇଥିଲା। ଅତିଥି ହୋତା ସରସତିଆ ପାଇଁ ଜିଆଇ ଟ୍ୟାଗ

## ସରସରତିଆ ଦିନ ପାଳିତ

ସକାଶେ ପ୍ରକ୍ରିୟା ଜାରି ରହିଥିବା ସୂଚନା ଦେଇଥିଲେ। ଅତିଥିମାନେ ସମ୍ବଲପୁରର ପ୍ରସିଦ୍ଧ ମିଷ୍ଟାନ୍ନ ସରସତିଆକୁ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରଚାର ପ୍ରସାର ପାଇଁ ମତବ୍ୟକ୍ତ କରିଥିଲେ। ପ୍ରଭୁଲାଲ ଗୁପ୍ତାଙ୍କ ପରିବାରର ଲୋକବନ୍ଧୁ ଗୁପ୍ତା, ବବଲି ଗୁପ୍ତା, ଗୌରହରି ଗୁପ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସରସତିଆର ପ୍ରଚାରପ୍ରସାରରେ ସହଯୋଗ କରିଥିବା ୟୁ-ଟ୍ୟୁବର୍ ସୌରଭ ବ୍ଲଗ୍ସ, ରାହୁଲ ମେହେର ବ୍ଲଗ୍ସ, କୃପାଭାଇ ବ୍ଲଗ୍ସ, ଡାଇନ ୱିଥ ବନ୍ଦନା, ସମ୍ବଲପୁରିଆ-ଆମେ, ସ୍ୱନ୍ଦନ ବେହେରା, ଓଏସ୍ଏମ୍ ହିମୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିମାଂଶୁ ଶେଖର ସାହୁ, ରାଜେଶ ସ୍ୱାଇଁ, ପ୍ରେମ ସାହାଣୀ, ଅମିତ ଦାଶ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରଧାନ, ଜାମିନୀ ଠାକୁର, ଭୂମିସୂତା ମେହେର, ଲଳିତା ଭୋଇ, କାନ୍ତି ମେହେର ପ୍ରମୁଖ ସହଯୋଗ କରିଥିଲେ। ଲଳିତ ମୋହନ ବେବର୍ତ୍ତା ଏଥିରେ ସଭାପତିତ୍ୱ କରିଥିଲେ। ରାହୁଲ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲ୍ ଶ୍ରେଣୀଗୃହ ଦୁରବସ୍ଥା ନେଇ ଅଭିଭାବକଙ୍କ ଅସନ୍ତୋଷ


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଫେରାଦ ହେବାକୁ ଆସିଥିବା ଅଭିଭାବକମାନେ।

**ସମ୍ବଲପୁର,୨୩।୨(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ବସନ୍ତପୁର ପଞ୍ଚାୟତ ରୂପାପାଲିରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀକକ୍ଷଗୁଡ଼ିକ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୋମବାର ଅଭିଭାବକ ରୋହିତ ଛୁରିଆ, ରାଜକୁମାରୀ ସୁନା, ଫାଲଗୁନୀ ଭୋରାସାଗର, ବୈଜୟନ୍ତୀ ନାଗ ପ୍ରମୁଖଙ୍କୁ ନେଇ ପ୍ରତନିଧି ଦଳ ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ସ୍କୁଲ୍‌ର ମରାମତି ପାଇଁ ଲିଖିତ ଦାବି କରିଥିଲେ। ସେମାନଙ୍କ ଅଭିଯୋଗ ଶୁଣିଲା ପରେ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳ ଭୋଇ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅଭିଭାବକମାନେ ଅଭିଯୋଗ କରିଛନ୍ତି, ୧୯୭୨ ମସିହାରେ ପ୍ରତିଷ୍ଠିତ

## ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହେଲେ

ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮୦ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ଅଫିସ କକ୍ଷକୁ ମିଶାଇ ମୋଟ୍ ୫ଟି କକ୍ଷ ରହିଛି। ତେବେ ୮ଟି ଶ୍ରେଣୀର ପାଠପଢ଼ା ପାଇଁ ଏଠାରେ ରହିଛି ମାତ୍ର ୪ଟି କକ୍ଷ। ସେଥିରେ ପୁଣି ସମସ୍ତ ଶ୍ରେଣୀକକ୍ଷର ଛାତ ଓ କାନ୍ଥରେ ଫାଟ ହୋଇ ସିମେଣ୍ଟ ଅତଡ଼ା ଓ ପାଣି ଝରୁଛି। ଖାଲି ସେତିକି ନୁହେଁ ସର୍ବଦା ଓଦା ରହୁଥିବାରୁ କାନ୍ଥ ଗୁଡ଼ିକ ବିଦ୍ୟୁତ୍ ଚାର୍ଜ ହୋଇଯାଉଛି। କାନ୍ଥ ଛୁଇଁଲେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାର ଆଶଙ୍କା ରହୁଛି। ଫଳରେ ଛାତ୍ରୀଛାତ୍ରମାନେ ବିପଦ ଆଶଙ୍କା ଭିତରେ ଶ୍ରେଣୀ କକ୍ଷଗୁଡ଼ିକରେ ପାଠ ପଢୁଛନ୍ତି। ଏଭଳି ସ୍ଥିତିରେ ଜୀବନକୁ ବାଜି ଲଗାଇ ସନ୍ତାନସନ୍ତତିମାନଙ୍କୁ ଉକ୍ତ ବିଦ୍ୟାଳୟକୁ ଛାଡୁଛନ୍ତି ବୋଲି ସେମାନେ କହିଛନ୍ତି।

# ଏଲଆଇସି ଗୋଲ୍‌ଡେନ ଜୁବିଲି ଫାଉଣ୍ଡେଶନ ପକ୍ଷରୁ ବସ୍ ପ୍ରଦାନ



ବସ ପ୍ରଦାନ କାର୍ଯ୍ୟକ୍ରମରେ ଏଲଆଇସି ପରିଚାଳନା ନିର୍ଦ୍ଦେଶକ ରତ୍ନାକର ପଟ୍ଟନାୟକଙ୍କ ସମେତ ଅନ୍ୟ ଅତିଥିମାନେ।

**ସମ୍ବଲପୁର,୨୩।୨(ବି.ଶଙ୍କର)**

ଭାରତୀୟ ଜୀବନ ବୀମା ନିଗମ(ଏଲଆଇସି) ଗୋଲଡେନ ଜୁବିଲି ଫାଉଣ୍ଡେଶନ ପକ୍ଷରୁ ରାଜଯୋଗ ଶିକ୍ଷା ଓ ଗବେଷଣା ଫାଉଣ୍ଡେଶନକୁ ସୋମବାର ଏକ ବସ୍ ପ୍ରଦାନ କରାଯାଇଛି । ଏନେଇ ସୋମବାର ସମ୍ବଲପୁର ଜିଲା ଶାସନ ସ୍ଥିତ ପାବନ ସରୋବରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା । ଏଲ୍‌ଆଇସି ପରିଚାଳନା ନିର୍ଦ୍ଦେଶକ ରତ୍ନାକର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ନିର୍ଦ୍ଦେଶକ ପଟ୍ଟନାୟକ ବସ୍‌ର ଚାବିକୁ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପଶ୍ଚିମ ଓଡିଶା କେନ୍ଦ୍ର ମୁଖ୍ୟ ବ୍ରହ୍ମାକୁମାରୀ ପାର୍ବତୀଙ୍କୁ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ବସରେ ୨୬ଟି ସିଟ ରହିଛି । ତେଣୁ ଏହାରି ମାଧ୍ୟମରେ ଅନୁଷ୍ଠାନର ସାମାଜିକ ସେବା, ଆଧ୍ୟାତ୍ମିକ ଉନ୍ନତି ଏବଂ ନିଶାମୁକ୍ତ ସମାଜ ଗଠନର କାର୍ଯ୍ୟକାରିତାର ଯାତାୟାତରେ ସହାୟକ ହୋଇପାରିବ। ଏହା ଏଲଆଇସିର ସମାଜ ସେବା ପ୍ରତି ପ୍ରତିବଦ୍ଧତା ଓ ଶିକ୍ଷା, ଆଧ୍ୟାତ୍ମିକ ଉନ୍ନତି ଏବଂ ସାମୂହିକ ବିକାଶ ପ୍ରତି ଦୃଢ଼ ସମର୍ଥନକୁ ପ୍ରତିବିମ୍ବିତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

# କୁଚିଣ୍ଡାକୁ ଜିଲା ଘୋଷଣା କର

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର

**କୁଚିଣ୍ଡା,୨୩।୨(ବିରଞ୍ଚି ଦର୍ଜ୍ଜୀ)**

ସମ୍ବଲପୁର ଜିଲାର କୁଚିଣ୍ଡା ଉପଖଣ୍ଡକୁ ଜିଲା ଘୋଷଣା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଏହି ମର୍ମରେ କୁଚିଣ୍ଡା ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ସମ୍ବଲପୁର ଏସ୍‌ପି, ମୁଖ୍ୟ ଶାସନ ସଚିବ, ଜିଲାପାଳଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୁଚିଣ୍ଡା ଉପଖଣ୍ଡ ହେଉଛି ସମ୍ବଲପୁର ଜିଲାର ବଣ ପାହାଡଘେରା ଅଞ୍ଚଳ। କୁଚିଣ୍ଡା ଉପଖଣ୍ଡର ଜନସଂଖ୍ୟା, ଆୟତନ, ଭୌଗୋଳିକ ସ୍ଥିତି, ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି ସହ ପ୍ରଶାସନିକ କାର୍ଯ୍ୟକଳାପ ଦୃଷ୍ଟିରୁ ଏକ ସ୍ୱତନ୍ତ୍ର ଜିଲା ହେବା ପାଇଁ ପୂର୍ଣ୍ଣ ମାତ୍ରାରେ ଯୋଗ୍ୟ । ସମ୍ବଲପୁର ଜିଲା ମୁଖ୍ୟାଳୟରୁ କୁଚିଣ୍ଡା ଉପଖଣ୍ଡର ଦୂରତା


ନୂତନ ଜିଲା ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପ୍ରାୟ ୭୦ରୁ ୧୫୦ କି.ମି.। ପ୍ରସିଦ୍ଧ ରଙ୍ଗବତୀ ଗୀତର ଉତ୍ପତ୍ତିସ୍ଥଳ କୁଚିଣ୍ଡା। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଗୁଡୁଗୁଡା ଜଳପ୍ରପାତ, ଶାଳ ମଞ୍ଜି, କେନ୍ଦୁପତ୍ର ଓ ମହୁଲ ଫୁଲ ସଂଗ୍ରହ, ଉତ୍କୃଷ୍ଟ ଲଙ୍କା ଉତ୍ପାଦ ଆଦିରେ ପ୍ରମୁଖ ଭୂମିକା ନିର୍ବାହ କରୁଛି କୁଚିଣ୍ଡା। ତେଣୁ ଉପଖଣ୍ଡକୁ ସ୍ୱତନ୍ତ୍ର ଭାବେ ଏକ ଜିଲା ଗଠନ ପାଇଁ ସରକାରଙ୍କ ବିଭିନ୍ନ କମିଟି ଓ ଅଧିକାରୀଙ୍କ ପକ୍ଷରୁ ସରକାରଙ୍କୁ ସୁପାରିଶ କରାଯାଇଛି। ନୂତନ ଜିଲା ଗଠନ ହେଲେ କୃଷି ଓ କୃଷକ, ପର୍ଯ୍ୟଟନ, ଉଦ୍ୟାନ ଚାଷ ଆଦିର ବିକାଶ ହୋଇ ଓଡ଼ିଶା ମାନଚିତ୍ରରେ କୁଚିଣ୍ଡା ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇପାରିବ। ଏଥି ନିମନ୍ତେ ସରକାରଙ୍କ ପାଖରେ ପ୍ରଦତ୍ତ ପ୍ରସ୍ତାବ ବିଚାରାଧୀନ ରହିଛି। ତେଣୁ କୁଚିଣ୍ଡା ଉପଜିଲାପାଳ ସରୱନନ ସଙ୍କୁ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ କମିଟିର ସଚ୍ଚିଦାନନ୍ଦ ଶର୍ମା, ହରେକୃଷ୍ଣ ମହାପାତ୍ର, ପିଙ୍କୁ ପାଣି, ପୂର୍ଣ୍ଣଚନ୍ଦ୍ର ପଟେଲ, ଗଗନ ଶର୍ମା, ନଳିନୀକାନ୍ତ ମହାନ୍ତିଙ୍କ ସମେତ ବହୁସଂଖ୍ୟକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ମିଳିତ ଜନ ଅଭିଯୋଗ ଶୁଣାଣି

**ସମ୍ବଲପୁର,୨୩।୨ (ଭବାନୀ ଶଙ୍କର ଭୋଇ)**

ମାନେଶ୍ୱର ବ୍ଲକ କାର୍ଯ୍ୟାଳୟରେ ସୋମବାର ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ମୁକେଶ ଭାମୁଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୁଣାଣିଠାରେ ୨୩ଟି ଆବେଦନ ଗ୍ରହଣ କରାଯାଇଥିଲା। ଯେଉଁଥିରୁ ୧୮ଟି ଆବେଦନ ବ୍ୟକ୍ତିଗତ, ୪ ଟି ସାମୂହିକ ସମସ୍ୟା ସହିତ ଜଡିତ ଥିଲା। ରେଡକ୍ରସ ଅଧୀନରେ ଜଣେ ବ୍ୟକ୍ତିଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ବାବଦରେ ପ୍ରଦାନ କରାଯାଇଥିଲା। ମଧୁବାବୁ ପେନସନ ଯୋଜନା ଅଧୀନରେ ୧୨ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଏବଂ ୨୩ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଡିଓ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# କର୍ତ୍ତବ୍ୟନିଷ୍ଠ ଦୁଇ ରେଳ କର୍ମଚାରୀ ପୁରସ୍କୃତ



କର୍ତ୍ତନିଷ୍ଠ ରେଳବାଇ କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି ଡିଆର୍‌ଏମ୍ ।

**ସମ୍ବଲପୁର,୨୩।୨(ପ୍ରମୋଦ ବହିଦାର)**

ସମ୍ବଲପୁର ରେଳ ମଣ୍ଡଳ ଅଧିନ ବିଭିନ୍ନ ଷ୍ଟେଶନରେ କାର୍ଯ୍ୟରତ ଦୁଇ ଜଣ କର୍ତ୍ତବ୍ୟନିଷ୍ଠ ରେଳବାଇ କର୍ମଚାରୀ ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ସରଲା ଷ୍ଟେଶନର ରେଳ ୱାଗନ ନିରୀକ୍ଷଣ ଓ ରେକ୍ଷଣାବେକ୍ଷଣ ଟେକ୍ନିସିଆନ ଦୟାନିଧି ବାଗ୍, ରେଙ୍ଗାଲି ଟ୍ରାକ୍‌ମ୍ୟାନ ନୀଳାମ୍ବର ନାଏକ। ନିରାପତ୍ତା ଓ ସତର୍କତା ପ୍ରତି ଗଭୀର ଜ୍ଞାନ ତଥା ସୁରକ୍ଷିତ ରେଳ ଚଳାଚଳ ପ୍ରତି କର୍ତ୍ତବ୍ୟନିଷ୍ଠ ଦାୟିତ୍ୱ ନିର୍ବାହ୍ନ ପାଇଁ ଉଭୟଙ୍କୁ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଉଭୟଙ୍କୁ ପ୍ରମାଣପତ୍ର ଓ ନଗଦ ରାଶି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ଉତ୍ସବରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସମନ୍ୱୟ) ପ୍ରଭାତ ସିଂହ, ବରିଷ୍ଠ ମଣ୍ଡଳ ଯାନ୍ତ୍ରୀକ ଯନ୍ତ୍ରୀ ମନୀଷ କୁମାର ସିହ୍ନାରାୟ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ବୋର୍ଡ ସମ୍ପାଦକ

**ସମ୍ବଲପୁର,୨୩।୨(ପ୍ରମୋଦ ବହିଦାର)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ସମ୍ପାଦକ ସରୋଜ ହେହେରା ସୋମବାର ସକାଳେ ସମ୍ବଲପୁରରେ ପହଞ୍ଚିଥିଲେ। ସେ ନୋଡାଲ କେନ୍ଦ୍ର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ, ଲେଡିଲୁଇସ୍ ବାଳିକା ହାଇସ୍କୁଲ, ଧନୁପାଲି ସରକାରୀ ବାଳିକା ହାଇସ୍କୁଲ୍ ସହିତ ମାନେଶ୍ୱର, ବଡେମୁରା, ବରଗାଁ, ଝୁଝୁମୁରା ଆଦି ଗସ୍ତ କରି ସରକାରୀ ହାଇସ୍କୁଲ ଆଦି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ନୋଡାଲ୍ କେନ୍ଦ୍ରରୁ ପ୍ରଶ୍ନପତ୍ର ଯୋଗାଣ, ପରୀକ୍ଷା କକ୍ଷମାନଙ୍କରେ ଲାଗିଥିବା ସିସି କ୍ୟାମେରା ତଥା କଟକ ମୁଖ୍ୟ କାର୍ଯ୍ୟାଳୟ ସହିତ ସଂଯୋଗୀକରଣ ବ୍ୟବସ୍ଥା, ପରୀକ୍ଷା କେନ୍ଦ୍ରର ଶୃଙ୍ଖଳା, ଆଲୋକ ବ୍ୟବସ୍ଥା ସହିତ ଶୌଚାଳୟ, ଶୁଦ୍ଧ ପାନୀୟ ଜଳ ଓ ସୁରକ୍ଷା ଆଦି ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥାର ତଦାରଖ କରିଥିଲେ। ତାଙ୍କ ସହିତ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ସ୍ୱତନ୍ତ୍ର ସ୍କ୍ୱାଡ ସଦସ୍ୟ ସୁଭାଶିଷ ସରକାର ଉପସ୍ଥିତ ଥିଲେ। ସେଠାରୁ ଫେରି ସମ୍ପାଦକ ବେହେରା ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଜିଲା ଶିକ୍ଷାଧିକାରୀ ଭୋଇ ଓ ସ୍ୱତନ୍ତ୍ର ସ୍କ୍ୱାଡ ସଦସ୍ୟଙ୍କ ସହିତ ପରବର୍ତ୍ତୀ ପରୀକ୍ଷାଗୁଡ଼ିକର ସୁପରିଚାଳନା ପାଇଁ ହୋଇଥିବା ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଆଲୋନା ବେଳେ ସେ ସମ୍ବଲପୁର ଜିଲାରେ ମାଟ୍ରିକ୍ ପରୀକ୍ଷା ସୁରପରିଚାଳନା ପାଇଁ ହୋଇଥିବା ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ।

# ମୁଦିପଡ଼ା ରାସ୍ତାରେ ଟ୍ରାଫିକ ସମସ୍ୟା

**ସମ୍ବଲପୁର,୨୩।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ସହର ମୁଦିପଡା ଅଞ୍ଚଳରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଜଟିଳ ହେଉଛି। ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ପଡା ଭିତର ରାସ୍ତାଗୁଡିକ ଅଣ ଓସାରିଆ। ମୁଦିପଡା ଛକରୁ କ୍ଷେତରାଜପୁର ଅଞ୍ଚଳକୁ ଯିବା ସମୟରେ ଦେଖା ଦେଉଥିବା ସମସ୍ୟା ଦୂର ପାଇଁ ଏହି ରାସ୍ତାର ଦୋହରୀକରଣ କରିବାକୁ ଦୀର୍ଘଦିନରୁ ଦାବି ହୋଇ ଆସିଛି। ଇତିମଧ୍ୟରେ କ୍ଷେତରାଜପୁର ରେଳଷ୍ଟେଶନରୁ ଲେବର କଲୋନୀ ପର୍ଯ୍ୟନ୍ତ ଦୋହରୀକରଣ କାମ ସାରିଛି। ପୁଣି ମୁଦିପଡା ଛକରୁ ଲେବର କଲୋନୀ ମଧ୍ୟରେ ରହିଥିବା ଅଧିକାଂଶ ଘର ମନ୍ଦିର ଜମି ଉପରେ ରହିଛି। ତେଣୁ ଜବରଦଖଲ ଉଚ୍ଛେଦ ପୂର୍ବରୁ ଜମି ଅଧିଗ୍ରହଣ କରାଯିବା ଆବଶ୍ୟକତା ରହିଛି। ତେବେ ଅଧିଗ୍ରହଣ ହେଲେ ଜମି ମାଲିକାନା ମନ୍ଦିର ନାମରେ ରହିଥିବାରୁ କ୍ଷତିପୂରଣ ଘର ମାଲିକମାନଙ୍କୁ ମିଳିବା ସମ୍ଭାବନା ନ ଥିବାରୁ ସେମାନେ ଘର ଛାଡିବାକୁ ନାରାଜ। ଏହି ରାସ୍ତା ମୁଖ୍ୟ ସହରରୁ କ୍ଷେତରାପୁର ଏବଂ ରେମେଡ ଦେଇ ଜାତୀୟ ୫୩ ନମ୍ବର ଜାତୀୟ ରାଜପଥ ସହ ସଂଯୋଗ କରୁଛି। ଏହି ରାସ୍ତା ସହ ଆଗକୁ ସମଲେଇ ପ୍ରକଳ୍ପର ଦ୍ୱିତୀୟ ଭାଗ ସଂଯୋଗ ହେବାକୁ ଯାଉଛି। ୟୁନିଟ ୭ ଏବଂ ୟୁନିଟ ୮ର କିଛି ଜମିକୁ କେତେଜଣଙ୍କୁ ବିକ୍ରୀ କରାଯାଇଛି। ଏହାର ସମାଧାନ ପାଇଁ ଜଗନ୍ନାଥ ମନ୍ଦିର କମିଟି ସହ ଏସ୍‌ଏମ୍‌ସିର ଆଲୋଚନା ହୋଇଥିଲା। ତେବେ କୌଣସି ସମାଧାନର ରାସ୍ତା ବାହାରି ପାରିନାହିଁ ବୋଲି ମନ୍ଦିର ପୂଜକ ବ୍ୟୋମକେଶ ପଣ୍ଡା କହିଛନ୍ତି । ତେବେ ଏନେଇ ପୂର୍ତ୍ତ ବିଭାଗ ଅଧିକାରୀ ବିନିତ ଲାକ୍ରା କହିଛନ୍ତି, ମନ୍ଦିର କମିଟିର ଜମି ଦେବୋତ୍ତରା ବିଭାଗର ବିନା ଅନୁମତିରେ ବିକ୍ରୀ ହୋଇଥିବାରୁ ଜମି ଅଧିଗ୍ରହଣ ପରେ ଟଙ୍କା ଦେବୋତ୍ତର ବିଭାଗ ପାଖକୁ ଯିବ ନାଁ ଜମି ମାଲିକ ପାଖକୁ ଯିବ ତାକୁ ନେଇ ଦ୍ୱନ୍ଦ୍ୱ ରହିଥିବାରୁ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଯାହାଦ୍ୱାରା କାମ ଆଗେଇ ପାରୁନାହିଁ । ସମସ୍ୟାର ଶୀଘ୍ର ସମାଧାନ କରି ରାସ୍ତା ଦୋହରୀକରଣ କାମ ଆରମ୍ଭ କରିବାକୁ ସାଧାରଣରେ ଦାବି ହୋଇଛି ।

# ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ

**ଜମନକିରା, ୨୩।୨(ରବୀନ୍ଦ୍ର ପ୍ରସାଦ ଦାନୀ)**

■ ବରିଷ୍ଠ ନାଗରିକ ସଂଘ ବୈଠକ

■ ୮୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ସମ୍ବର୍ଦ୍ଧିତ

ସମ୍ବଲପୁର ଜିଲା ଜମନକିରା ବ୍ଲକ ବାବା ମୁକ୍ତେଶର ମନ୍ଦିର ପ୍ରାଙ୍ଗଣରେ ସୋମବାର ଜିଲାସ୍ତରୀୟ ବରିଷ୍ଠ ନାଗରିକ ସଂଘ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି ଗୋକୁଳାନନ୍ଦ ଦାନୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ସଂଘର ଜିଲା ସଭାପତି ଅନ୍ତର୍ଯ୍ୟାମୀ ପାଣି, ସମ୍ମାନିତ ଅତିଥିଭାବେ ସଂଘର ପଶ୍ଚିମ ଓଡ଼ିଶା ଉପସଭାପତି ସଦାନନ୍ଦ ସୁନାବର୍ଷି, ଜିଲା ଉପସଭାପତି ଧୀରେନ୍ଦ୍ର କୁମାର ମହାନ୍ତି, ପୂର୍ବତନ ରେଙ୍ଗାଲି ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଯୋଗବିହାରୀ ପରିଡ଼ା ମଞ୍ଚାସୀନ ଥିଲେ। ଅତିଥିମାନେ ବରିଷ୍ଠ ନାଗରିକମାନଙ୍କୁ ସରକାରଙ୍କ ଦ୍ୱାରା ମିଳୁଥିବା ସୁବିଧା ଉପରେ ବକ୍ତବ୍ୟ ରଖିଥିଲେ। ଏଥିସହ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ କିପରି ହୋଇପାରିବ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ୮୦ବର୍ଷରୁ ଊର୍ଦ୍ଧ୍ୱ ଭିକାରୀ ଚରଣ ଚୌଧୁରୀ, ବିଶିକେଶନ ପଟ୍ଟନାୟକ, ବସନ୍ତ ନାୟକ, ମଧୁସୂଦନ ନାୟକ, କଜ୍ୱଳି ସାହୁ, ଇନ୍ଦ୍ରମଣି ନାୟକ ପ୍ରମୁଖଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏଥିସହ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କେତେକ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ବାମରା ବ୍ଲକ ସଭାପତି ଯୋଗ ବିହାରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଜମନକିରା ବ୍ଲକସ୍ତରୀୟ ବରିଷ୍ଠ ନାଗରିକ କମିଟି ସଭାପତିଙ୍କ ସମେତ ସାଲେକରାମ ପ୍ରଧାନ, ରବୀନ୍ଦ୍ର ମଲ୍ଲିକ, ଅମରେଶ୍ୱର ସ୍ୱାଇଁ, ସରୋଜ ପଟ୍ଟନାୟକ, କିଶୋର ମହାପାତ୍ର, ବିପିନ ସାହୁ, ହିମାଦ୍ରୀ ସାହୁ, ଧନେଶର ପ୍ରଧାନ, କିଶୋର ପଟେଲ, ଶରତ ପଟେଲ, ଲକ୍ଷ୍ମଣ ନାଏକ ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ।


ବରିଷ୍ଠ ନାଗରିକ ସଂଘର ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ ଅତିଥି।

# ବାହାରିଲା ବନାଗ୍ନି ନିରାକରଣ ସଚେତନତା ରଥ

## ବୁଲିବ ଟାଉନ୍ ରେଞ୍ଜ ଅନ୍ତର୍ଗତ ୧୫ ଗ୍ରାମ

**ସମ୍ବଲପୁର,୨୩।୨(ପ୍ରମୋଦ ବହିଦାର)**

୨୦୨୬-୨୭ ବର୍ଷ ପାଇଁ ସମ୍ବଲପୁର ବନଖଣ୍ଡ ପକ୍ଷରୁ ବନାଗ୍ନି ନିରାକରଣ ପାଇଁ ପ୍ରସ୍ତୁତ ହୋଇଛି ମାଷ୍ଟରପ୍ଲାନ। ଏହି ମାଷ୍ଟର ପ୍ଲାନ ଅନ୍ତର୍ଗତ ସୋମବାର ସମ୍ବଲପୁର ଟାଉନ୍ ରେଞ୍ଜ ଅଧୀନରେ ବନାଗ୍ନି ନିରାକରଣ ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ସମ୍ବଲପୁର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବର ଅପରାହ୍ନରେ ଅନୁଷ୍ଠିତ ଏକ ଉତ୍ସବରେ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଜାଧବ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ଟାଉନ ରେଞ୍ଜ ଅଞ୍ଚଳ ପାଇଁ ଗୋଟିଏ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଯାହା ଟାଉନ ରେଞ୍ଜ ଅଧିନ ୧୫ଟି ଗ୍ରାମରେ ଲୋକଙ୍କ ମଧ୍ୟରେ ବନାଗ୍ନିର ନିରାକରଣ, ସତର୍କତା



ଡିଏଫ୍‌ଓଙ୍କ କାର୍ଯ୍ୟାଳୟରେ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ବନାଗ୍ନି ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ଓ ମୁକାବିଲା ନେଇ ଜାଗ୍ରତ କରିବ ବୋଲି ଟାଉନ ରେଞ୍ଜ ଅଧିକାରୀ ଅମୀତ କୁମାର ସାହୁ ସୂଚନା ଦେଇଛନ୍ତି। ପରବର୍ତ୍ତୀ କାଳରେ ଅନ୍ୟାନ୍ୟ ବନାଞ୍ଚଳରେ ମଧ୍ୟ ଅନୁରୂପ ସଚେତନତା ରଥର ଶୁଭାରମ୍ଭ ହେବ ବୋଲି କୁହାଯାଇଛି। ଏହି ଅବସରରେ ଡିଏଫ୍‌ଓଙ୍କ ସହିତ ଭାରତୀୟ ବନ ବିଭାଗ ଶିକ୍ଷାନବିଶ ମୟଙ୍କ ଅଗ୍ରୱାଲ, ଏସିଏଫ୍ ମନୋଜ ଶିଖା, ଏସିଏଫ୍ ରାଜଶ୍ରୀ ତିର୍କୀ, ଏସିଏଫ୍ ରଣେନ୍ଦ୍ର କୁମାର ସ୍ୱାଇଁ, ରେଞ୍ଜର ଅମିତ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

ବନାଗ୍ନି ଦ୍ୱାରା କେବଳ ଜଙ୍ଗଲ ନଷ୍ଟ ହେଉଛି ତାହା ନୁହେଁ, ବରଂ ବନ୍ୟପ୍ରାଣୀ ଓ ପରିବେଶ ଉପରେ କୁପ୍ରଭା ପଡୁଛି। ତେଣୁ ବନାଗ୍ନି ନିୟନ୍ତ୍ରଣ ଚଳିତବର୍ଷ ବନାଗ୍ନିର ମୁକାବିଲା ପାଇଁ ସମ୍ବଲପୁର ବନଖଣ୍ଡ ପକ୍ଷରୁ ପ୍ରସ୍ତୁତି ହୋଇଛି। ଏଥିପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ 'ଜିଲା ଫାୟାର ଆକ୍ସନ ପ୍ଲାନ୍' ପ୍ରସ୍ତୁତ କରାଯାଇ ଏହାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ମାରାଗୁଡ଼ା ଲୋକ ମହୋତ୍ସବ ପାଇଁ ବୈଠକ

**ନୂଆପଡ଼ା,୨୩।୨(ମକାରୁ ବେମାଲ):** ନୂଆପଡ଼ା ଜିଲାରେ ମାରାଗୁଡା ଲୋକ ମହୋତ୍ସବ ପାଇଁ ମଞ୍ଚ କମିଟିର ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ଅଧକ୍ଷତା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ରମେଶ ମହରା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସିମାଞ୍ଚଳ ମହାପାତ୍ର, ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ, ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, କଳାକାର ପ୍ରତାପ କୁମାର ସାହୁ, ରାଜସ୍ୱ ସହାୟକ ବିଭୁ ଦତ୍ତ ମିଶ୍ର, ଡେପୁଟି କଲେକ୍ଟର ରୋଷନ କୁମାର ଜେନା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଆସନ୍ତା ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ନ୍ୟାଶନାଲ କଲେଜ ପଡିଆରେ ମାରାଗୁଡ଼ା ଲୋକମହୋତ୍ସବ ଆୟୋଜନ କରାଯିବ। ଏଥିପାଇଁ ୧୩ଟି କମିଟି ଗଠନ କରାଯାଇଛି। ପ୍ରତ୍ୟେକ କମିଟି ନିଜ ଦାୟିତ୍ୱ ଠିକ୍‌ଭାବେ ପାଳନ କରିବା ପାଇଁ ଜିଲାପାଳ ମଧୁସୂଦନ ଦାଶ ଆହ୍ୱାନ ଦେଇଛନ୍ତି।

### କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକଙ୍କ ଦୁର୍ଘଟଣାରେ ମୃତ୍ୟୁ



**ନୂଆପଡ଼ା,୨୩।୨ (ମକାରୁ ବେମାଲ ):** ନୂଆପଡ଼ା ଜିଲା କୋମନା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକଙ୍କ ସୋମବାର ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଛି। ସେ ହେଲେ ନୂଆପଡ଼ା ସଦର ବ୍ଲକ ଧନୋରା ଗାଁର ବୁଧୁରାମ ନାଏକ (୫୪)। ସୂଚନା ଅନୁଯାୟୀ, ଗତ ୧୭ ତାରିଖରେ ବୁଧୁରାମ ନିଜ ବାସଗୃହରୁ ବାହାରି କୌଣସି କାମରେ ଯାଉଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ଜଣାପଡିବା ପରେ ଜିଲାର କର୍ମଚାରୀ ଓ ଅଧିକାରୀ ମହଲରେ ଶୋକର ଛାୟା ଖେଳିଯାଇଛି। ସୋମବାର ତାଙ୍କ ମର ଶରୀର ଗାଁରେ ପହଞ୍ଚିବା ପରେ ଜ୍ଞାତି ପରିଜନଙ୍କ ଉପସ୍ଥିତିରେ ଅନ୍ତିମ ସଂସ୍କାର କରାଯାଇଛି। କୋମନା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ପବିତ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଶୋକସଭାରେ ତାଙ୍କ ଅମର ଆତ୍ମାର ସଦଗତି ନିମିତ୍ତ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ ଶାନ୍ତ, ସରଳ, ମେଳାପୀ, ମିଷ୍ଟଭାଷୀ ହୋଇଥିବାରୁ ବ୍ଲକର ବିଭିନ୍ନ ବର୍ଗର ବ୍ୟକ୍ତି ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।



କଳାହାଣ୍ଡି ଜିଲାରେ ଉତ୍ପାଦିତ ଉତ୍କୃଷ୍ଟ ମାନର କପା।

# ମରୀଚିକା ପାଲଟିଛି କଳାହାଣ୍ଡିରେ ଟେକ୍ସଟାଇଲ ପାର୍କ

**ଭବାନୀପାଟଣା, ୨୩।୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଟେକ୍ସଟାଇଲ ପାର୍କ ଏବେ ମରୀଚିକା ପାଲଟିଛି। ସମଗ୍ର ଓଡିଶାରେ କଳାହାଣ୍ଡି ଜିଲା କପା ଉତ୍ପାଦନରେ ପ୍ରଥମ ସ୍ଥାନରେ ରହିଥିବାବେଳେ ରାଜନେତାମାନେ ବିଭିନ୍ନ ମଞ୍ଚରେ କଳାହାଣ୍ଡିରେ ଟେକ୍ସଟାଇଲ ପାର୍କ ସ୍ଥାପନ ହେବ ବୋଲି ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଏହାର କାର୍ଯ୍ୟକାରୀ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, କଳାହାଣ୍ଡି ଜିଲାରେ ବର୍ଷକୁ ପ୍ରାୟ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକଟନ କପା ଉତ୍ପାଦନ ହେଉଛି। ଜିଲାର କପା ଏସିଆର ଉତ୍କୃଷ୍ଟତମ ହୋଇଥିବା ଯୋଗୁ ବିଦେଶରେ ଏହାର ଚାହିଦା ରହିଛି। ଜିଲାର ଜୁନାଗଡ ରେଳଷ୍ଟେଶନରୁ ବାଂଲାଦେଶକୁ ମଧ୍ୟ କପା ରପ୍ତାନୀ ହୋଇଥିଲା। ସେହିପରି ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ରାଜ୍ୟକୁ କପା ରପ୍ତାନୀ ହୋଇଥାଏ। ତାମିଲନାଡୁର ଇରୋଡରେ ଥିବା ଜିନିଂ ଓ ସ୍ପିନିଂ ମିଲ ଦ୍ୱାରା କପା ପ୍ରକ୍ରିୟାକରଣ



କେସିଙ୍ଗାଠାରେ ବନ୍ଦ ପଡିଥିବା ଜିନିଂ ମିଲ।

- ବନ୍ଦ ପଡିଛି କେସିଙ୍ଗା ଜିନିଂ ମିଲ
- ବର୍ଷକୁ ହେଉଛି ୧୨ଲକ୍ଷ ମେଟ୍ରିକ ଟନ୍ କପା ଉତ୍ପାଦନ

ହୋଇ ବିଦେଶକୁ ରପ୍ତାନୀ ହୋଇଥାଏ। କପା ଅଧିକ ଉତ୍ପାଦନ ସତ୍ତ୍ୱେ ଭିତ୍ତିଭୂମି ଅଭାବ ଓ କୌଣସି ସରକାରୀ ଜିନିଂ ଓ ସ୍ପିନିଂ ମିଲ ଚାଲୁ ନ ଥିବାରୁ ଏହାର ପ୍ରକ୍ରିୟାକରଣ ହୋଇପାରୁନାହିଁ। ବିଭିନ୍ନ ସମୟରେ କଳାହାଣ୍ଡି ଜିଲାରେ ଟେକ୍ସଟାଇଲ ପାର୍କ ସ୍ଥାପନ ପାଇଁ ରାଜନେତାମାନେ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଏହା ମରୀଚିକା ପାଲଟିଛି। ଏପରି କି ଗତ କଳାହାଣ୍ଡି ଉତ୍ସବ ବେଳେ ମୁଖ୍ୟମନ୍ତ୍ରୀ ଆସିଥିବାବେଳେ ଜିଲାରେ କଟନ ହବ ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜିଲାରେ ୧୨୧ଟି ପରିବାର ବୁଣାକାର ବୃତ୍ତିରେ ଥିବାବେଳେ ସେମାନଙ୍କ ପାଇଁ ମଧ୍ୟ କୌଣସି ସରକାରୀ ସହଯୋଗ ମିଳିପାରୁନାହିଁ। ଏପରି କି ଏକ ଘରୋଇ ସଂସ୍ଥା ତିଲୋତ୍ତମା ମାଧ୍ୟମରେ ହାବସପୁରୀ ପାଟ ହବ ନିର୍ମାଣ ପାଇଁ ୧୦ ଏକର ଜମି ଜୁନାଗଡ ବ୍ଲକ ଚିଚେଗୁଡା ଛକ ନିକଟରେ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ମୌଖିକ ଭାବରେ ୩ ଏକର ଜମି ଚିହ୍ନଟ ହୋଇଥିଲେ ବି ହସ୍ତାନ୍ତର ହୋଇନାହିଁ ବୋଲି କମ୍ପାନୀର ମୁଖ୍ୟ ଅର୍ନ୍ତଜାତୀୟ ଫ୍ୟାଶନ ଡିଜାଇନର ସୁଜିତ ମେହେର ସୂଚନା ଦେଇଛନ୍ତି। ଜିଲାର କେସିଙ୍ଗାଠାରେ ଥିବା ଜିନିଂ ମିଲ କିଛିଦିନ ଆରମ୍ଭ ହୋଇଥିବାବେଳେ ଗତ ୪ବର୍ଷ ଧରି ବନ୍ଦ ହୋଇପଡିଛି। ଏପରିକି ସ୍ପିନିଂ ମିଲ ମଧ୍ୟ ଆରମ୍ଭ ହୋଇପାରିଲା ନାହିଁ। ରାଜ୍ୟ ସରକାର ଜିଲାରେ ଟେକ୍ସଟାଇଲ ପାର୍କ ସ୍ଥାପନ ନ କଲେ ଜିଲାର କଞ୍ଚାମାଲ ରାଜ୍ୟ ବାହାରକୁ ଯାଇ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ହେବ ସିନା, ଜିଲାର ବେକାର ଯୁବକ ଯୁବତୀ କର୍ମନିଯୋଜନରୁ ବଞ୍ଚିତ ହେବା ସହ କପାଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବେ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।

# ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ପଦବୀ ଖାଲି

## ଅସନ୍ତୋଷ ଜାହିର କଲେ ଅଭିଭାବକ

**ରୁପ୍ରାରୋଡ୍,୨୩।୨(ସଞ୍ଜୀବ ଦାସ)**

ନର୍ଲା ବ୍ଲକ୍ ଅନ୍ତର୍ଗତ ରୁପ୍ରାରୋଡ୍ ହାଇସ୍କୁଲରେ ଦୀର୍ଘ ପ୍ରାୟ ୨ବର୍ଷ ଧରି ହିନ୍ଦୀ ଶିକ୍ଷକ ପଦବୀ ଖାଲି ରହିଥିବାରୁ ଅଭିଭାବକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଚଳିତ ମାଟ୍ରିକ୍ ପରୀକ୍ଷାରେ ସୋମବାର ହିନ୍ଦୀ ପରୀକ୍ଷା ଥିବାରୁ ରୁପ୍ରାରୋଡ୍ ହାଇସ୍କୁଲ ପିଲାମାନେ କ'ଣ ଲେଖିବେ ତାକୁ ନେଇ ପଞ୍ଚାୟତ ସମିତି ସରକାରୀ ଉଚ୍ଚ ବିଦ୍ୟାଳୟ ନର୍ଲା କେନ୍ଦ୍ର ବାହାରେ ଅଭିଭାବକମାନେ ଅସନ୍ତୋଷ ଜାହିର କରିଥିଲେ। ଏହି ସମସ୍ୟା ପାଇଁ ଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି ଅଭିଭାବକ ଅନୀଲ ଅଗ୍ରୱାଲ, ପ୍ରମୋଦ ତ୍ରିପାଠୀ, ଡିଙ୍ଗର ମାଝୀ, ଗଣେଶ ମାଝୀ, ସୁରେଶ ପାଢ଼ୀ, ଦିଲୀପ ସା ପ୍ରମୁଖ ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ଏଠାରେ ସୂଚନାଯୋଗ୍ୟ, ୨୦୨୪ ଏପ୍ରିଲ ୩୦ରେ ରୁପ୍ରାରୋଡ୍ ହାଇସ୍କୁଲରୁ ହିନ୍ଦୀ ଶିକ୍ଷୟିତ୍ରୀ ରୀନା ପଣ୍ଡା ଅବସର ଗ୍ରହଣ କରିସାରିଛନ୍ତି। ସେହିଦିନଠୁ ଏଠାରେ ହିନ୍ଦୀ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏ ନେଇ ଅଭିଭାବକମାନେ ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

# ଶିବିରରେ ୮୩ ଅଭିଯୋଗ ପଞ୍ଜୀକୃତ



ଅଧିକାରୀମାନେ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

**ଲାଞ୍ଜିଗଡ଼,୨୩।୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସଚିନ ପାୱାର ପ୍ରକାଶ, ଏସ୍‌ପି ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଶ ପ୍ରଧାନ, ଉପଜିଲାପାଳ ପ୍ରଭାତ କୁମାର ତ୍ରିପାଠୀ, ଡ଼ିଏଫ୍‌ଓ ଆର କଲାଇଭନନ, ବିଡିଓ ଶଶାଙ୍କ ପାତ୍ର, ବ୍ଲକ ଅଧକ୍ଷା କମଳା ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ସମୁଦାୟ ୮୩ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଅବସରରେ ଲୋକେ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ଟେଲିସେବା, ଭତ୍ତା, ଆବାସ ଯୋଜନା ସମ୍ପର୍କିତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ତେବେ ବିଭିନ୍ନ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ଗ୍ରହଣ କରାଯାଉଥିବା ବେଳେ ସେସବୁ ସମାଧାନରେ ଅହେତୁକ ବିଳମ୍ବ ହେଉଥିବା ନେଇ ଶିବିରରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିବିର ପରିଚାଳନାରେ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଦାୟିତ୍ୱ ତୁଲାଇଥିଲେ।

# ଶିବିରରେ ୩୫ ଅଭିଯୋଗର ଶୁଣାଣି

**ବୋଡ଼େନ,୨୩।୨(ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) କେ ମାଧବୀଲତା, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ବୋଡ଼େନ ପଞ୍ଚାୟତ ସମିତି ଅଧକ୍ଷା ପ୍ରେମଶିଳା ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୨୬ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀଗତ ଏଭଳି ମୋଟ ୩୫ ଅଭିଯୋଗର ଶୁଣାଣି କରି ଅତିରିକ୍ତ ଜିଲାପାଳ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଜିଲାସ୍ତରୀୟ



ଶିବିରରେ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି ଅଧିକାରୀ।

ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ପାଇଁ ୧୭ଟି ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସ୍ୱୀକୃତି ଶିରୋନାମା ମଞ୍ଜୁର ହେଇଥିଲା ବେଳେ ଶିବିରରେ ୧୧ ଜଣଙ୍କୁ ବଣ୍ଟନ କରାଯାଇଥିଲା। ବିଡ଼ିଓ ସୁଶାନ୍ତ କୁମାର ରଣା, ଡେପୁଟି କଲେକ୍ଟର ଚିନ୍ମୟ ସାଗର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା। ବାବେବିର ଗ୍ରାମରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

**କୋକସରା,୨୩।୨ (ଦୁଷ୍ମନ୍ତ କୁମାର ପାଟଯୋଷୀ):** ସୋମବାର ୨୬ ନମ୍ବର ଜାତୀୟ ରାଜପଥର କୋକସରା-ଚିଲିଗୁଡା ରାସ୍ତାରେ ଏକ ପାଇପ୍ ବୋଝେଇ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଛିଲିପାମଲା ଗ୍ରାମର ଚିନୁ ନାଗ(୧୯) ଓ ଚିଲିଗୁଡା ଗ୍ରାମର ଉପେନ୍ଦ୍ର ହଂସ। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ଚିନୁ ଓ ଉପେନ୍ଦ୍ର ଚିଲିଗୁଡାରୁ ବାଇକ୍ ଯୋଗେ କୋକସରା ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ପାଇପ୍ ବୋଝେଇ ଟ୍ରକ୍ (ଟିଏନ ୫୨ଏଇ୯୫୧୪) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଚିନୁ ପାଇପ୍ ଭିତରେ ଫସିଥିବାବେଳେ ଉପେନ୍ଦ୍ର ରାସ୍ତାରେ ଛିଟିକି ପଡ଼ିଥିଲେ। କୋକସରା ଅଗ୍ନିଶମ ବାହିନୀ, ସ୍ଥାନୀୟ ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆଲୋଚକମାନେ।

**ଖଡ଼ିଆଳ,୨୩।୨(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ ଅଧ୍ୟାପନା କ୍ରମ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ନୂଆପଡ଼ା ନ୍ୟାଶନାଲ ମହାବିଦ୍ୟାଳୟର ଅବସରପ୍ରାପ୍ତ ଦର୍ଶନଶାସ୍ତ୍ର ପ୍ରାଧ୍ୟାପକ ନୃସିଂହ ଚରଣ ସାହୁ, ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗୀୟ ଅବସରପ୍ରାପ୍ତ ପ୍ରଫେସର ମୋହିନ ମହମ୍ମଦ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗୀୟ ପ୍ରଫେସର ଡ. ଅଶୋକ କୁମାର ତରାଇ ପ୍ରମୁଖ ଯୋଗଦେଇ ଦର୍ଶନ ଶାସ୍ତ୍ରଭିତ୍ତିକ ସତ୍ୟ, ଜ୍ଞାନ, ତର୍କ, ଗଣିତ ଦର୍ଶନ, ଭାଷା ଦର୍ଶନ, ବ୍ୟବହାରିକ ଦର୍ଶନତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ଡ. ରଣବୀର ସିଂହ, ଛାତ୍ର କଲ୍ୟାଣ ଅଧିକାରୀ ଡ. ଗୀତାଶ୍ରୀ ପ୍ରିୟମ୍ବଦା, ବିଭାଗୀୟ ମୁଖ୍ୟ ଅଧ୍ୟାପିକା ରାଜେଶ୍ୱରୀ କଙ୍ଗୁଆ, ଅଧ୍ୟାପିକା ତନୁଜା ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ବହୁସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇ ଉପାଦେୟ ଜ୍ଞାନ ହାସଲ କରିଥିଲେ।

# ମା' ଠାକୁରାଣୀ କ୍ରିକେଟ୍: କାଉଡୋଳା ଚାମ୍ପିୟନ

**କୋକସରା,୨୩।୨ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ବାବେକୋହରା ଖେଳପଡିଆଠାରେ ଚାଲିଥିବା ମା' ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କାଉଡୋଳା ଓ ଖୁଟୁଲୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାଉଡୋଲା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଜବାବରେ ଖୁଟୁଲୁଗୁଡା ଦଳ ସମାନ ଓଭରରେ ୫ ଉଇକେଟ ହରାଇ ୧୦୩ ରନରେ ସୀମିତ ରହିଥିଲା। ଫଳରେ କାଉଡୋଳା ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ସୁନୀଲ କୁମାର ଦାସ ଓ କାଳିଆ ବାରିକ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଧର୍ମାନନ୍ଦ ନାଏକ ମୁଖ୍ୟଅତିଥି ଓ ଶିକ୍ଷକ ତଥା ଖେଳାଳି ନୀଳାମ୍ବର ଦାସ ମୁଖ୍ୟବକ୍ତା, ଖବରଦାତା ଜଗଦୀଶ ନାଏକ, ଭାଜପା ଆମପାଣି ମଣ୍ଡଳ ସମ୍ପାଦକ ତୁଳାରାମ ନାଏକ, ପୂର୍ବତନ ନାଏବ ସରପଞ୍ଚ ଧନୁ ଦୁର୍ଗା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ। କାଉଡୋଲା ଟିମର ସୁନିଲ ମାଝୀ ମ୍ୟାନ ଅଫ ଦି ମ୍ୟାଚ ଓ ଖୁଟୁଲୁଗୁଡା ଟିମର ମାନସ ହାତୀ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଆୟୋଜକ କମିଟିର ଯୁଧିଷ୍ଠି ନାଏକ, ମହାନ୍ତି ନାଏକ, ବଷ୍ଟି ନାଏକ, ସନ୍ତୋଷ ନାଏକ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

### କଳିଙ୍ଗ କପ୍ କ୍ରିକେଟ: ଦମାପଲା ଚାମ୍ପିୟନ

**ଖଡ଼ିଆଳ,୨୩।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ସାନହେଶ୍ୱର ପଞ୍ଚାୟତ କୁଲିଗାଁଠାରେ ୮ ତମ କଳିଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଦମାପଲା ଓ କୋମନା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋମନା ଦଳ ପ୍ରଥମେ ବ୍ୟାଟିଂକରି ୧୨.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲା। ଜବାବରେ ଦମାପଲା ଦଳ ୧୩ ଓଭରରେ ୩ ଉଇକେଟ ହରାଇ ୧୨୩ ରନକରି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ବସନ୍ତ ଶବର ଓ ହୃଦାନନ୍ଦ ବଛା ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଂଗ୍ରେସ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି ମୁଖ୍ୟ ଅତିଥି ଓ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ସ୍ଥାନୀୟ ସରପଞ୍ଚ ଆହ୍ଲାଦିନୀ ବେହେରା, କୁଲିଗାଁ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଦ୍ୟାଧର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କମିଟି ସଭାପତି ବଳଦେବ ରାଉତ, କମଳାକାନ୍ତ ଶବର, ପ୍ରହ୍ଲାଦ ଶବର, ଧୀରଜ କୁଲଦୀପ, ଟୁନା ଶବର ପ୍ରମୁଖ ସହଯୋଗ କରିଥିଲେ।

# ବିଆର୍‌ସି କପ୍ କ୍ରିକେଟ୍: ଚତ୍ରାଭଟା ଚାମ୍ପିୟନ




ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

**ନୂଆପଡ଼ା,୨୩।୨ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ୍ କେରମେଲି ଗାଁ ଚେକ୍‌ଗେଟ୍ ଖେଳ ପଡ଼ିଆଠାରେ ବୁଢ଼ାରଜା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୪ତମ ବିଆର୍‌ସି କପ୍ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ଗୋଳାବନ୍ଧ ଓ ଚତ୍ରାଭଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋଳାବନ୍ଧ ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୮ ଓଭରରେ ୩ ଉଇକେଟ ହରାଇ ୫୫ ରନ ସଂଗ୍ରହ କରିଥିଲା। ଜବାବରେ ଚତ୍ରାଭଟା ଦଳ ୪ ଓଭରରେ ୩ ଉଇକେଟ ହରାଇ ୫୬ ରନକରି ବିଜୟୀ ହୋଇଥିଲା । ଫଳରେ ଚତ୍ରାଭଟା ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଅନୁଷ୍ଠାନର ସଭାପତି ଲାଲେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ସମିତି ସଭ୍ୟ ଦେବରାଜ ମାଝି ମୁଖ୍ୟ ଅତିଥି, ୱାର୍ଡ ସଭ୍ୟ କ୍ଷୀରସିଂ ମାଝି, ନରେନ୍ଦ୍ର ନାଏକ, ମଙ୍ଗଳ ସିଂ ମାଝି, ମନୋହର ମାଝି, ଲାଲେଶ୍ୱର ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଚତ୍ରାଭଟା ଦଳର କମଲେଶ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ବିକାଶ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଯୁଗେଶ୍ୱର ମାଝି ଓ ସୌମ୍ୟରଞ୍ଜନ ମାଝି ଖେଳ ପରିଚାଳନା କରିଥିଲେ। ବୁଢ଼ାରଜା କ୍ଲବ ସମ୍ପାଦକ ରାଜ କୁମାର ଦୁରିଆ, ଯୁଗେ ମାଝି, ତୁଲେ ମାଝି, ଜୟନ୍ତ ମାଝି, ହେମଲାଲ ମାଝି ପ୍ରମୁଖ ସହଯୋଗ କରିଥିଲେ।

### ବୀର ସୁରେନ୍ଦ୍ର ସାଏ କ୍ରିକେଟ୍: କାମପୁର ଚାମ୍ପିୟନ

**ବୋଡ଼େନ,୨୩।୨ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡେନ ବ୍ଲକ୍‌ର ଲର୍କା ଖେଳ ପଡ଼ିଆଠାରେ ବୀର ସୁରେନ୍ଦ୍ର ସାଏ କ୍ରିକେଟ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କାମପୁର ଓ କୁଶମାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାମପୁର ପ୍ରଥମେ ବ୍ୟାଟିଂକରି ୧୨ଓଭରରେ ୮ଉଇକେଟ ହରାଇ ୧୪୮ରନ ସଂଗ୍ରହ କରିଥିଲା। ଜବାବରେ କୁଶମାଲ ଦଳ ସମାନ ଓଭରରେ ୧୨୮ ସଂଗ୍ରହକରି ପରାଜିତ ହୋଇଥିଲା। ଫଳରେ କାମପୁର ଦଳ ଚାମ୍ପିୟନ ଘୋଷିତ ହୋଇଥିଲା। ସୁଜିତ ହୋତା ଓ ପ୍ରତାପ ବାଗ ଖେଳ ପରିଚାଳନା କରିଥିଲେ। ଭାଜପା ନେତା ଲମ୍ବୋଦର ନିଆଲ ମୁଖ୍ୟ ଅତିଥି, ସାମାଜିକ କର୍ମୀ ଶିବପ୍ରସାଦ ହୋତା, ଶିକ୍ଷକ ହରେକୃଷ୍ଣ ବେହେରା, ସାମାଜିକ କର୍ମୀ କୃତ୍ତିବାସ ପଟେଲ, ଅଚ୍ୟୁତ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କମିଟିର ଶୁଭମ ମୁଣ୍ଡ, ଭରତ ବନ୍ଧିଛୋର, ଫାରୁକ ମହମ୍ମଦ, ନିରାକାର ଶବର ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

**କୋକସରା, ୨୩।୨ (ଦୁଷ୍ମନ୍ତ କୁମାର ପାଟଯୋଷୀ):** ସୋମବାର ୨୬ ନମ୍ବର ଜାତୀୟ ରାଜପଥର କୋକସରା-ଚିଲିଗୁଡା ରାସ୍ତାରେ ଏକ ପାଇପ୍ ବୋଝେଇ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଛିଲିପାମଲା ଗ୍ରାମର ଚିନୁ ନାଗ(୧୯) ଓ ଚିଲିଗୁଡା ଗ୍ରାମର ଉପେନ୍ଦ୍ର ହଂସ।

### ସାମାଜିକ କର୍ମୀ ସୁଶାନ୍ତଙ୍କ ପରଲୋକ



**ଅତାବିରା, ୨୩।୨ (ଯୁଧିଷ୍ଠିର ମହାପାତ୍ର):** ଅତାବିରା ଦୁର୍ଗା ମନ୍ଦିର କର୍ମକର୍ତ୍ତା ତଥା ସାମାଜିକ କର୍ମୀ ସୁଶାନ୍ତ(ବିନୋଦ) ଅଗ୍ରୱାଲ(୫୮)ଙ୍କ ରବିବାର ଅପରାହ୍ଣରେ ଆକସ୍ମିକ ମୃତ୍ୟୁ ଘଟିଛି। ସୋମବାର ଅତାବିରା ଶ୍ମଶାନଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରବିବାର ସନ୍ଧ୍ୟାରେ ଦୁର୍ଗା ମନ୍ଦିର ନିକଟ କଲ୍ୟାଣ ମଣ୍ଡପ ପାଖରେ ସାଙ୍ଗସାଥୀଙ୍କ ସହ ବସିଥିବା ସମୟରେ ହଠାତ ସେ ଟଳି ପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ସ୍ଥାନୀୟ ଏକ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ବରଗଡ଼ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଶ୍ମଶାନଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ଜିତୁ ମୁଖାଗ୍ନି ଦେଇଛନ୍ତି।

# ତଳିଆ କର୍ମଚାରୀ ବହିଷ୍କୃତ, ଖସିଗଲେ ବଡ଼ବଡ଼ିଆ

**୫ମିନିଟ୍ ବ୍ୟବଧାନରେ ଗୋଟିଏ ଗାଡ଼ିରେ ୨ମିଲ୍‌କୁ ଧାନଯିବା ଘଟଣା**




ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ।



ସହରାଟିକ୍ରା ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ।

**ବରଗଡ଼, ୨୩।୨ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଧାନ କିଣାବିକାରେ ଫଲ୍ସ ଏଣ୍ଟ୍ରିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ବିକ୍ରି ପାଇଁ ମଣ୍ଡିକୁ ଆସିଥିବା ଧାନ ମାସମାସ ଧରି ମଣ୍ଡିରେ ପଡ଼ି ରହିଛି। ଅଥଚ ମଣ୍ଡିକୁ ନ ଆସି ବେପାରୀ(ମଧ୍ୟସ୍ଥ)ଙ୍କ ଜରିଆରେ ସିଧାସଳଖ ଯାଉଥିବା ଧାନ ବିକ୍ରି ହେଉଛି। ଏହି କଥା ନୂଆଁ ନୁହେଁ। ତେବେ ଧାନ କିଣାବିକାରେ ଚାଲୁଥିବା ଫଲ୍ସ ଏଣ୍ଟ୍ରି ଅଭିଯୋଗକୁ ନେଇ ଧରିତ୍ରୀରେ ପ୍ରତିବର୍ଷ ବିସ୍ତୃତ ଖବର ପ୍ରକାଶ ପାଇ ଆସୁଥିଲା। ମାତ୍ର ପ୍ରଶାସନ ଏହାକୁ ସବୁବେଳେ ହାଲୁକାଭାବେ ନେଉଥିଲା। କିନ୍ତୁ ଏଭଳି ଫଲ୍ସ ଏଣ୍ଟ୍ରିର ପ୍ରମାଣ ଗତ ମଙ୍ଗଳବାର ଧରିତ୍ରୀ ହାତରେ ଲାଗିଥିଲା ଏବଂ ବୁଧବାର ଧରିତ୍ରୀରେ ସଚିତ୍ର(ଯୋଗାଣ ବିଭାଗ ପକ୍ଷରୁ ଇସ୍ୟୁ ହୋଇଥିବା ଟ୍ରାନ୍‌ଜିଟ୍ ପାସ୍ କମ୍ ଏକ୍ସେପଟାନ୍ସ ନୋଟ୍ କପି) ଖବର ପ୍ରକାଶ ପାଇବା ପରେ ଘଟଣାକୁ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ଗୁରୁତ୍ୱର ସହିତ ନେଇଛନ୍ତି। ଧରିତ୍ରୀରେ ଖବର ପ୍ରକାଶପାଇବା ଦିନ ହିଁ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଏବଂ ତଦନ୍ତ ରିପୋର୍ଟ ପାଇବା ପରେ ସୋମବାର ଏଥିରେ ସମ୍ପୃକ୍ତ ୨ବିଭାଗୀୟ କର୍ମଚାରୀଙ୍କୁ ବହିଷ୍କୃତ କରାଯାଇଛି। ସେମାନେ ହେଲେ, ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନ ବିଜେପୁର ବ୍ଲକ ବଡ଼ ବାଉଁଶେନ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଅଧୀନ ଖରମୁଣ୍ଡା ମାର୍କେଟ୍ ୟାର୍ଡ(ମଣ୍ଡି)ର ଇନଚାର୍ଜ ମୀନକେତନ ସାହୁ ଏବଂ ଏଠାରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ରଞ୍ଜନ କୁମାର ସାହୁ। ସେହିପରି ପାକ୍ସ ସମ୍ପାଦକ ଦୀପକ କୁମାର ସାହୁଙ୍କୁ ଏହି ଘଟଣା ଉପରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତେବେ ମଣ୍ଡିରେ ଧାନ ପକାଇ ବିକ୍ରି ପାଇଁ ଚାଷୀମାନେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇପଡୁଥିବାବେଳେ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ କେବଳ ୨ ତଳିଆ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କୃତ କରି ଅନ୍ୟ ବଡ଼ବଡ଼ିଆ ଅଧିକାରୀଙ୍କୁ ଅନୁକମ୍ପା ପ୍ରଦର୍ଶନ ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ଗତବର୍ଷ ଡିସେମ୍ବର ୨୭ତାରିଖରୁ ଘଟିଥିଲା, ତେବେ ଧାନ ସଂଗ୍ରହ ପ୍ରକ୍ରିୟାରେ ଆର୍‌ଏମ୍‌ସିଠାରୁ ଆରମ୍ଭ କରି ପାକ୍ସ ଏବଂ ରାଜ୍ୟ ଯୋଗାଣ ନିଗମ ପର୍ଯ୍ୟନ୍ତ ତଥ୍ୟ ଉପଲବ୍ଧ ରହିଥିଲା। କିନ୍ତୁ ଘଟଣାର ଦେଢ଼ମାସରୁ ଊର୍ଦ୍ଧ୍ୱ ସମୟ ବିତିଯିବା ସତ୍ତ୍ୱେ ସମସ୍ତ ବିଭାଗ ସେଥିପ୍ରତି କିଭଳି ଆଖି ବୁଜି ଦେଇଥିଲେ, ତାକୁ ନେଇ ବର୍ତ୍ତମାନ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ହେଲେ ସବୁ ରହସ୍ୟ ପଦାକୁ ଆସିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗତବର୍ଷ ଡିସେମ୍ବର ୨୭ତାରିଖ ପଦ୍ମପୁର ଉପଖଣ୍ଡ ବିଜେପୁର ବ୍ଲକ ବଡ଼ବାଉଁଶେନ ଅନ୍ତର୍ଗତ ତଥା ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନ ଖରମୁଣ୍ଡା ଧାନ କ୍ରୟକେନ୍ଦ୍ର(ଏମ୍‌ୱାଇ୦୩୭୧୨)ରେ ୫ମିନିଟ୍ ବ୍ୟବଧାନରେ ଗୋଟିଏ ଗାଡ଼ି(ନଂ-ଓଡି୧୭କେ ୪୪୯୭)ରେ ୨ଟି ରାଇସ୍ ମିଲ୍‌କୁ ଯଥାକ୍ରମେ ୧୮୫ ପ୍ୟାକେଟ୍(୮୩.୭୨ କୁଇଣ୍ଟାଲ) ଏବଂ ୧୬୦ପ୍ୟାକେଟ୍(୬୫.୩୧ କୁଇଣ୍ଟାଲ) ଧାନ ଯାଇଥିବା ବିଭାଗୀୟ କାଗଜାତ ତଥା ଟ୍ରାନ୍‌ଜିଟ୍ ପାସ୍ କମ୍ ଏକସେପ୍‌ଟାନ୍ସ ନୋଟ୍ କପିରେ ଉଲ୍ଲେଖ ରହିଛି। ୫ମିନିଟ୍ ବ୍ୟବଧାନରେ ଏତେ ପରିମାଣରେ ଧାନ ଗୋଟିଏ ମଣ୍ଡିରୁ ଲୋଡ୍ କରି ଅନ୍ୟ ୨ମଣ୍ଡିରେ ଅନ୍‌ଲୋଡ୍ କରିବା କୌଣସି ଯାନବାହନ ପକ୍ଷରେ ସମ୍ଭବ ହେଉ ନ ଥିବାରୁ ଫଲ୍ସଏଣ୍ଟ୍ରିରେ ଏଭଳି କୌଶଳ ଅବଲମ୍ବନ କରାଯାଉଥିବା ସ୍ପଷ୍ଟ ହୋଇଯାଇଛି। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସତ ସାମ୍ନାକୁ ଆସିଥିଲା। ଜିଲାପାଳ ଗୋୟଲ ମଧ୍ୟ ତୁରନ୍ତ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ଯେଉଁ ବିଭାଗ ଏହାର ତଦନ୍ତ କରିଥିଲା, ସମ୍ପୃକ୍ତ ବିଭାଗର ବିନା ସମ୍ପୃକ୍ତିରେ ଏଭଳି ଅନିୟମିତତା ସମ୍ଭବ ନୁହେଁ ବୋଲି ବିଭିନ୍ନ ଚାଷୀ ସଂଗଠନ ଦୀର୍ଘବର୍ଷରୁ ଅଭିଯୋଗ କରି ଆସୁଛନ୍ତି ଏବଂ ତଦନ୍ତ ସରିବା ପରେ ଧରିତ୍ରୀରେ ମଧ୍ୟ ରବିବାର 'ତଦନ୍ତ ସରିଲା, ଖସିଯିବେ ବଡ଼ବଡ଼ିଆ' ଶୀର୍ଷକ ଏକ ବିସ୍ତୃତ ଖବର ପ୍ରକାଶ ପାଇଥିଲା। ତେବେ ସୋମବାର ସେହି ଆଶଙ୍କା ସତ ହୋଇଛି ଏବଂ ବଡ଼ବଡ଼ିଆ ଅଧିକାରୀ, କର୍ମଚାରୀଙ୍କୁ ବାଦ୍ ଦେଇ ଏଭଳି ଏକ ବଡ଼ ଅନିୟମିତତାରେ କେବଳ ୨ତଳିଆ କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ବରଗଡ଼ ଜିଲା ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଧାନ କିଣାବିକା ସମୟରେ ଫଲ୍ସ ଏଣ୍ଟ୍ରି ନୂଆ ନୁହେଁ। ସବୁଥର ଏଭଳି ହୋଇ ଆସୁଛି। ଆଜି ଯେଉଁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ପ୍ରଭାବଶାଳୀ ନୁହେଁ, ଧର୍ମକୁ ଆଖିଠାର ଭଳି। ଏହାର ଯଦି ଭଲଭାବେ ତଦନ୍ତ କରାଯିବ, ବଡ଼ବଡ଼ିଆ ଲୋକେ ଧରାପଡ଼ିବେ। ଫଳରେ ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେଥିରେ ଆମେ ସନ୍ତୁଷ୍ଟ ନୋହୁଁ। ଯଦି ଠିକ୍‌ଭାବେ କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ଆମ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେବ।

## ପଶ୍ଚିମ ଓଡ଼ିଶାରେ ଝିପିଝିପି ବର୍ଷା, କୁଆପଥର ମାଡ଼

**ଆଜି ବର୍ଷା, ଘଡ଼ଘଡ଼ି ପାଇଁ ୧୫ ଜିଲାକୁ ୟେଲୋ ୱାର୍ନିଂ**

**ଭୁବନେଶ୍ୱର, ୨୩।୨ (ବନ୍ଦନା ସେଠୀ):** ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏଥିସହ ଗାଙ୍ଗେୟ ପଶ୍ଚିମବଙ୍ଗରୁ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶକୁ ଏକ ଟ୍ରଫ୍ ଲାଇନ୍ ସମୁଦ୍ର ପତ୍ତନଠାରୁ ୦.୯ କିମି ଉଚ୍ଚତାରେ ଓଡ଼ିଶା ଦେଇ ଗତି କରୁଛି। ଏହା ପ୍ରଭାବରେ ସୋମବାର ପଶ୍ଚିମ ଓଡ଼ିଶା ସମେତ ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା। ଝାରସୁଗୁଡ଼ା ଜିଲାରେ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ସୋନପୁରର ବିନିକା ସମେତ ଜିଲାର କେତେକ ସ୍ଥାନରେ ବର୍ଷା ହୋଇଛି। ସେହିଭଳି ବଡ଼ଗଡ଼ରେ ମେଘୁଆ ପାଗ ରହିଥିବାବେଳେ ବର୍ଷା ସହ କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ମଧ୍ୟ ୧୫ ଜିଲାରେ ଏଭଳି ସ୍ଥିତି ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ସହିତ ଘଡଘଡି, ବିଜୁଳି ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରାଯାଇଛି। ବର୍ଷା ପାଇଁ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ହ୍ରାସ ଘଟିବ ବୋଲି ସୂଚନା ଦିଆଯାଇଛି।

## ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଝାରବନ୍ଧ, ୨୩।୨ (ଦେବେନ୍ଦ୍ର ସାହୁ)**

ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ମହାପୁରୁଷଙ୍କ ଉଦାହରଣ ଦେଇ ଭଲ ପାଠ ପଢି ବିକଶିତ ଭାରତ ଗଢିବାପାଇଁ ଛାତ୍ରୀଛାତ୍ରମାନଙ୍କ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ମୁଖ୍ୟ ବକ୍ତା ଭାବରେ ସମ୍ବଲପୁର ଆଇଆଇଏମ୍‌ର ପ୍ରଫେସର ସୁଜିତ କୁମାର ପୃସେଠ ଯୋଗଦାନ କରି ବର୍ତ୍ତମାନ ଯୁଗରେ ନାରୀଶିକ୍ଷା ଏବଂ ସମୟ ଉପଯୋଗୀ ଇଣ୍ଟେଲିଜେନ୍ସ ଶିକ୍ଷା ଉପରେ ଶିକ୍ଷାର୍ଥୀମାନେ ଆଲୋଚନା କରିଥିଲେ। ସ୍ଥାନୀୟ ବିଡିଓ ପର୍ଶୁରାମ ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତିତା ହେବାପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ରୀତାଞ୍ଜଳି ଗୁରୁ ମଞ୍ଚ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଏମ୍‌ପି ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।



ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

## ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ ତରଙ୍ଗ

**ବରପାଲି, ୨୩।୨ (ଚିତ୍ତରଞ୍ଜନ ସାହୁ)**

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ତରଙ୍ଗ ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ମୁଖ୍ୟ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନା ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ସିଏଲ୍ ଉପଦେଷ୍ଟା ସୁକାନ୍ତ ତ୍ରିପାଠୀ ଯୋଗଦାନ କରିବା ସହ ସମ୍ମାନିତ ଅତିଥି ଭାବେ ଧନୁଯାତ୍ରା କମିଟିର ସମ୍ପାଦକ ସୁରେଶର ଶତପଥୀ, ମହାବିଦ୍ୟାଳୟ ଗଭର୍ଣ୍ଣିଂ ବଡିସଭାପତିସତ୍ୟନାରାୟଣ ଦାଶ, ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଦେବା ସହ ମୁଖ୍ୟବକ୍ତା ଡ. ପଦ୍ମଶ୍ରୀ ହଳଧର ନାଗ ଯୋଗଦେଇଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଆର୍ଟିଷ୍ଟମାନଙ୍କ ଦ୍ୱାରା ଫଟୋ ଗ୍ୟାଲେରି ପ୍ରଦର୍ଶନ ହେବା ସହ ମହାବିଦ୍ୟାଳୟ ୱାଲ ମାଗାଜିନ ନବ୍ୟ ରୂପେ ଉନ୍ମୋଚିତ ହୋଇଥିଲା। ବିଶ୍ୱବିଦ୍ୟାଳୟସ୍ତରରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ପ୍ରଥମ ଥିବା ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ଅଧିବେଶନର ପରିସମାପ୍ତି ପରେ ନାଟ୍ୟ ନିର୍ଦ୍ଦେଶକ, ଲେଖକ ଅମିତ୍ କୁମାର ପ୍ରଧାନଙ୍କ ପରିଚାଳନାରେ ମହାବିଦ୍ୟାଳୟର ଛାତ୍ରୀମାନେ 'ବିନମୁଲିଆ ଲହ' ନାଟକ ପରିବେଷଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବରପାଲି, ୨୩।୨ (ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ଅନ୍ତର୍ଗତ ହଳଦୀପାଲି ଗ୍ରାମରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ପାଞ୍ଚ ଦିନ ବ୍ୟାପି କାର୍ଯ୍ୟକ୍ରମର ସୋମବାର ଅନ୍ତିମ ଦିନରେ ହୋମଯଜ୍ଞ, ମନ୍ତ୍ରପାଠ, ରାଧାକୃଷ୍ଣ ମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା । ମୁଖ୍ୟ କର୍ତ୍ତା ଭାବରେ ଶ୍ରୀପତି ଭୋଇ ଆଉ ତାଙ୍କର ପତ୍ନୀ ଦ୍ରୌପଦୀ ଭୋଇ ମୁଖ୍ୟ କର୍ତ୍ତା ଥିବା ବେଳେ ଶବ୍ୟା ମାଝୀ ଏବଂ କାର୍ତ୍ତିକ ମାଝୀ, ପୁଷ୍ପାଞ୍ଜଳି ରାୟ ଏବଂ ଗୋପୀନାଥ ରାୟ, ତୁଳସୀ ରଣା ଏବଂ ରାଜକୁମାର ରଣା, ତିଲୋତ୍ତମା ବେହେରା ଏବଂ ସରୋଜ ବେହେରା, ସନ୍ଧ୍ୟାସିନୀ ପଧାନ ଏବଂ ଗୋପବନ୍ଧୁ ପଧାନ, ଦେବକୀ ସାହୁ ଏବଂ ଉମ୍ବରୁଧର ସାହୁ, ବିକାନ୍ତି ଧରୁଆ ଏବଂ ଲିଙ୍ଗରାଜ ଧରୁଆ, ସାବିତ୍ରୀ ରଣା ଏବଂ ଡିଲେଶର ରଣା ଭାବରେ ଯୋଗଦାନ କରିଥିବା ବେଳେ ନାମଯଜ୍ଞରେ ଝିଲି ପଧାନ ଏବଂ ବିଜୟ ପଧାନ କର୍ତ୍ତା ଭାବରେ ଯୋଗଦାନ କରିଥିଲେ । ମୁଖ୍ୟ ପୂଜକ କୀର୍ତ୍ତି ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ କଂସ ବଦ୍ଧ ସହିତ ଦରବାର ସମାପ୍ତ ହୋଇଯାଇଛି। ଚତୁର୍ଥ ଦିନ କାର୍ଯ୍ୟକ୍ରମରେ ମ୍ୟାନେଜିଂ ଟ୍ରଷ୍ଟି ଲାଲବିହାରୀ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗଦାନ କରିଥିବା ବେଳେ ରାଜ ଅତିଥି ଭାବରେ ଫାର୍ମାସୀ କଲେଜର ଚେୟାରମ୍ୟାନ ନରେନ୍ଦ୍ର ହୋତା, ଭାଜପା ତରଫରୁ ଶରତ ବିଶି, ମହେଶ ଦେବତା, ପ୍ରଦୀପ ପଧାନ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଞ୍ଜୀବ କୁମାର ସାହୁ ପରିଚାଳନା କରିଥିବା ବେଳେ ବିରାଟ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ତିମ ଦିବସରେ ପରିଚାଳନା କମିଟି ତରଫରୁ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ପ୍ରତିଷ୍ଠା ଉତ୍ସବ

## ଅଭିଯୋଗର ତୁରନ୍ତ ଫଇସଲା କରିବାକୁ ନିର୍ଦ୍ଦେଶ

**ବୌଦ୍ଧ, ୨୩।୨ (ଅଜିତ କୁମାର ବାରିକ)**

ବୌଦ୍ଧ ବ୍ଲକର କସୁର ବନ୍ଧ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜନ ସାଧାରଣଙ୍କ ସୁବିଧା ପାଇଁ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ଜନଶୁଣାଣି ପରେ ଜିଲାପାଳ ବିଭୂତି ଭୂଷଣ ନାୟକ ସମସ୍ତ ବ୍ଲକସ୍ତରୀୟ, ଜିଲାସ୍ତରୀୟ ଅଧିକାରୀଙ୍କୁ କାମ ଠିକ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜନଶୁଣାଣିକୁ ଆସୁଥିବା ଅଭିଯୋଗ ଗୁଡିକର ତୁରନ୍ତ ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣି କାର୍ଯ୍ୟକ୍ରମକୁ ଡେପୁଟି କଲେକ୍ଟର ତଥା ଜିଲାଜରୁରୀ କାଳୀନ ଅଧିକାରୀ ଜ୍ୟୋତି ରଞ୍ଜନ ଭୁଏ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୌଦ୍ଧ ଯୁଗଳ କିଶୋର ବିଶ୍ୱାଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ, ବୌଦ୍ଧ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଜିଲାପାଳଙ୍କ ନିର୍ଦ୍ଦେଶକୁ ସମସ୍ତ ଅଧିକାରୀ ଅନୁପାଳନ କରିବାକୁ ମତବ୍ୟକ୍ତ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଜଣ ଶୁଣାଣିରେ ୪୫ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

## ପଞ୍ଚଦିବସୀୟ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଅତାବିରା/ଗୋଡ଼ଭଗା, ୨୩।୨ (ଯୁଧିଷ୍ଠିର ମହାପାତ୍ର/ ସୁରେଶ ଦାଶ)**

ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା ଜୁବଲି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ପଞ୍ଚ ଦିବସୀୟ ପ୍ରବୋଧନ ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଦିବସର ପ୍ରାରମ୍ଭରେ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ନୂତନ ଶିକ୍ଷା ନୀତି ୨୦୨୦କୁ ନେଇ ହୋଇଥିବା ଜାତୀୟ ପାଠ୍ୟକ୍ରମ ରୂପରେଖ ବିଦ୍ୟାଳୟ ଶିକ୍ଷା ୨୦୨୩ ଓ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ବିଦ୍ୟାଳୟ ଶିକ୍ଷା ୨୦୨୫ ଆଧାରରେ ଆସନ୍ତା ଶିକ୍ଷା ବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ କାର୍ଯ୍ୟକାରୀ ହେବାକୁ ଥିବା ନୂତନ ପାଠ୍ୟ ପୁସ୍ତକର ବୈଶିଷ୍ଟ୍ୟ, ପାଠ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସାଧନା କର୍ମୀ ଭାବେ ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଜାରଞ୍ଜନ ମେହେର, ଖିରେଶର ସାହୁ ଏବଂ ଉଷାରାଣୀ ସାମନ୍ତ ଯୋଗଦାନ କରି ତାଲିମ ପ୍ରଦାନ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ସି.ଆର୍.ସି.ସି. ନନ୍ଦିଘୋଷ ଭୁଏ,କେଶବ ଛନ୍ଦ, ତ୍ରିଲୋଚନ ସେଠ, ଆଶିଷ ନାଥ,ରାଜୀବ ବିଶାଳ, ବଳରାମ ମେହେର ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।



ଗୋଡ଼ଭଗା ଜନତା ହାଇସ୍କୁଲରେ ପଞ୍ଚ ଦିବସୀୟ ପ୍ରବୋଧନ ତାଲିମ ଚାଲିଛି।

## ବାହାର ଠିକାଦାରଙ୍କୁ ପଦ୍ମପୁର ନିର୍ବାଚନମଣ୍ଡଳୀ ମନା

**ବୋଡାସମ୍ବର ଠିକାଦାର ସଂଘର ଖବରଦାତା ସମ୍ମିଳନୀ**

**ପଦ୍ମପୁର, ୨୩।୨ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ସ୍ଥିତ ଡାକବଙ୍ଗଳାଠାରେ ବୋଡ଼ାସମ୍ବର ଠିକାଦାର ସଂଘର ବରିଷ୍ଠ ତଥା କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ସଂଘର ଉପସଭାପତି ଦିନେଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୋଡ଼ାସମ୍ବର ଠିକାଦାର ସଂଘ ଖବରଦାତା ସମ୍ମିଳନୀରେ କହିଥିଲେ, ନିକଟରେ ହୋଇଥିବା ଓଡ଼ିଶା ମିଳିତ ଠିକାଦାର ମହାସଂଘର ଚଳିତ ୨୦ ତାରିଖ ଆନ୍ଦୋଳନର ଦାବିକୁ ପୂର୍ଣ୍ଣମାତ୍ରାରେ ସମର୍ଥନ କରୁଛି ବୋଲି ଦର୍ଶାଇଥିଲେ। ଆମେ ସମସ୍ତେ ସ୍ୱାର୍ଥର ଊର୍ଦ୍ଧ୍ୱରେ ସଙ୍ଗଠିତ ହୋଇ ନିର୍ମାଣ ଦିଗରେ ଭଲକାମ କରିଲେ ଯାଇ ଓଡ଼ିଶା ବିକାଶରେ ସହାୟକ ହୋଇପାରିବ। ବର୍ତ୍ତମାନ ପରିସ୍ଥିତିରେ ଆମ ସଂଘର ପଦ୍ମପୁର, ପାଇକମାଳ ଓ ଝାରବନ୍ଧ ଅଞ୍ଚଳର ଠିକାଦାରମାନେ ନିଜ ମଧ୍ୟରେ ସମନ୍ୱୟ ରଖି ଉନ୍ନତ ମାନର କାମ କରିବାକୁ ଅନୁରୋଧ କରିଛନ୍ତି। ସଂଘର ସମ୍ପାଦକ ଧରମ ପାଢୀ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ଜାରି ହୋଇଥିବା ୨୦୨୬ ଜାନୁଆରୀ ୩ ତାରିଖର ସର୍କୁଲା ରଦ୍ଦ କରିଲେ ସମସ୍ତ ଠିକାଦାର ଗୁଣବତ୍ତାର କାମ କରିପାରିବେ ବୋଲି ଆହ୍ୱାନ ଦେଇଥିଲେ। ନୂତନ ସର୍କୁଲାର ଅନୁଯାୟୀ ଠିକାଦାରମାନେ ୪୦/୫୦ ପ୍ରତିଶତ କମ ରେଟରେ କାମ ହାତେଇବା ପାଇଁ ଚେଷ୍ଟାରୁ ବିରତ ରୁହନ୍ତୁ ଏବଂ ବିଭାଗୀୟ ଟେଣ୍ଡର ଚୂଡାନ୍ତ ଅଧିକାରୀଗଣ ଏହିଭଳି କମ ରେଟ୍‌ରେ ଟେଣ୍ଡରଗୁଡିକୁ ମଞ୍ଜୁରୀ ଦିଅନ୍ତୁ ନାହିଁ ବୋଲି ନିବେଦନ କରିଛନ୍ତି। ଯଦି ନିର୍ମାଣ ବିଭାଗର ସରକାରୀ କର୍ତ୍ତୃପକ୍ଷ ୪୦/୫୦ ପ୍ରତିଶତ କାଟିଥିବା ଠିକାଦାରମାନଙ୍କୁ କାମ କରିବାକୁ ମଞ୍ଜୁରୀ ଦେବେ, ତା ହେଲେ ଆମ ଅଞ୍ଚଳର ଗୁଣାତ୍ମକ କାମଗୁଡ଼ିକ ନିଶ୍ଚିତ ଭାବରେ ନିମ୍ନମାନର ହେବ ବୋଲି ସମ୍ପାଦକ ଧରମ ପାଢୀ ଆଶଙ୍କା ପ୍ରକାଶ କରିଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ପଡୋଶୀ ଜିଲାର ସଂଗଠନର ନୀତିକୁ ଅବଲମ୍ବନ କରି ଆମେ ମଧ୍ୟ ଆମ ନିର୍ବାଚନ ମଣ୍ଡଳୀର ସଂଘର ଠିକାଦାରମାନଙ୍କ ଭିତରେ ଏକତା ଏବଂ ସମନ୍ୱୟ ରଖିବାକୁ ସେ ଦୋହରାଇଥିଲେ। ଆମ ଠିକାଦାରମାନେ ବାହାର ଅଞ୍ଚଳରେ ଟେଣ୍ଡର ନ ପକାଇବାକୁ ଏବଂ ଅନ୍ୟ ଅଞ୍ଚଳର ଠିକାଦାର ଆମ ନିର୍ବାଚନ ମଣ୍ଡଳୀ ତଥା ଏନ୍‌ଏସି ଟେଣ୍ଡରରେ ଭାଗ ନ ନେବାକୁ ଉପସ୍ଥିତ ଠିକାଦାରମାନଙ୍କ ତରଫରୁ ସଂପାଦକ ଧରମ ପାଢୀ ଅନୁରୋଧ କରଛନ୍ତି। ସର୍ବସମ୍ମତି କ୍ରମେ ଆଗାମୀ ଟେଣ୍ଡରଗୁଡିକ ନିଜ ଭିତରେ ପ୍ରତିଯୋଗିତା ନ କରି ସର୍ବନିମ୍ନ ଲେସ ରେଟ୍‌ରେ ଟେଣ୍ଡର ପକାଇ ଗୁଣାତ୍ମକ କାମ କରି ଲାଭବାନ ହୋଇପାରିବା ବୋଲି ନିଷ୍ପତ୍ତି ହୋଇଥିଲା। ବୋଡ଼ାସମ୍ବର ଠିକାଦାର ସଂଘର ସାଧାରଣ ବୈଠକ ଆଗାମୀ ମାସରେ ଅନୁଷ୍ଠିତ ହେବ ବୋଲି ସଂପାଦକ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଂଘର ଉପସଭାପତି ସୁଶାନ୍ତ ନାଗ, କୋଷାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ, ନନ୍ଦ କିଶୋର ଶ୍ରୀବାସ୍ତବ, ଇକ୍ବାଲ ଅହମ୍ମଦ, ଆଶୁତୋଷ ସାହୁ, ଲକି ପଣ୍ଡା, ସୁରେଶ ଅଗ୍ରୱାଲ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସଂଘର କର୍ମକର୍ତ୍ତାମାନେ।



ରାଉରକେଲା ପାନପୋଷ-ହନୁମାନ ବାଟିକା ରାସ୍ତାପାର୍ଶ୍ୱ କାନ୍ଥ ଚିତ୍ରଣ କରାଯାଉଛି।



ଓରାମପଡା ଅଞ୍ଚଳର ରାସ୍ତାରେ ଅଳିଆ ଗଦା ହୋଇଛି।

# କାନ୍ଥ ଚକଚକ, ରାସ୍ତା ଅଳିଆ

**ରାଉରକେଲା,୨୩।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସହରର ସୌନ୍ଦର୍ଯ୍ୟକରଣ ସହିତ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସହରର କାନ୍ଥବାଡ ଚିତ୍ରଣ କରାଯାଉଛି। ମାତ୍ର ସହରର ବିଭିନ୍ନ ସ୍ଥାନରେ ମାସ ମାସ ଧରି ଗଦା ହୋଇଥିବା ଅଳିଆ ଆବର୍ଜନା ଉଠାଯାଉନାହିଁ। ସ୍ଥାନୀୟ ପ୍ରଶାସନ କେବଳ କାନ୍ଥବାଡରେ ଚିତ୍ର କରୁଥିବାବେଳେ ସହରର ଗଳିକନ୍ଦିରେ ପଡିଥିବା ଅଳିଆ ଆବର୍ଜନା ଉଠାଇବାରେ ଉଦାସୀନ ରହୁଥିବା ସାମାଜିକ କର୍ମୀ ନିନାରାଣୀ ଜେନା, ଜଗନ୍ନାଥ ରାଉତ, ମନୋଜ କୁମାର ନନ୍ଦ ପ୍ରମୁଖ ଅଭିଯୋଗ କରିଛନ୍ତି।

ସେମାନେ କହିଛନ୍ତି, ୨୦୨୫ ମାର୍ଚ୍ଚ ମାସରେ ସହରର ଅତିରିକ୍ତ ଜିଲାପାଳଙ୍କ ଅଫିସ୍ ରାସ୍ତା, ଆର୍‌ଡିଏକୁ ସଂଲଗ୍ନ କରୁଥିବା କାନ୍ଥ, ପରିବହନ ବିଭାଗ ସଂଲଗ୍ନ କାନ୍ଥ ସହିତ ହନୁମାନ ବାଟିକାଠାରୁ ତ୍ରିଶକ୍ତି ଧାମକୁ ସଂଯୋଗ କରୁଥିବା ପାଦଚଲା ପଥପାର୍ଶ୍ୱ କାନ୍ଥକୁ ଚିତ୍ରଣ କରାଯାଇଥିଲା। ପୁନର୍ବାର ଚଳିତ ବର୍ଷ ଫେବୃଆରୀ ମାସରୁ କାନ୍ଥ ଚିତ୍ରଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ କାନ୍ଥ ଚିତ୍ରଣ ହେଉଥିବାବେଳେ ନ୍ୟୁ ବସ୍‌ଷ୍ଟାଣ୍ଡ, ରାଉରକେଲା ଶ୍ରମ ବିଭାଗ ପଛପଟ, ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ପଡିଆ, ସିଭିଲଟାଉନଶିପ୍ ଶାସ୍ତ୍ରୀ ଛକସ୍ଥିତ ଡିଙ୍ଗ ୟାର୍ଡ ଆଦି ସ୍ଥାନରେ ମାସ ମାସ ଧରି ପଡିରହିଥିବା ଅଳିଆ ଆବର୍ଜନା ଉଠାଯାଉନାହିଁ। ଫଳରେ ଉକ୍ତ ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏ ନେଇ ଆର୍‌ଏମ୍‌ସି ଉପାୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଲେ, ସହରର ଅଳିଆ ଗଦାଗୁଡିକରୁ ଦୈନିକ ଅଳିଆ ଉଠାଯାଉଛି। ମାତ୍ର ଯେଉଁ ସ୍ଥାନରୁ ଉଠୁନି ସେ ବିଷୟରେ ଆର୍‌ଏମ୍‌ସିର ସାନିଟାଇଜ ବିଭାଗକୁ ଅବଗତ କରି ଶୀଘ୍ର ଅଳିଆ ଉଠାଯିବ। ସେହିପରି ସହରର ସୌନ୍ଦର୍ଯ୍ୟ, ଆଗନ୍ତୁକମାନଙ୍କୁ ଆକୃଷ୍ଟ କରିବା ସହ ସ୍ଥାନୀୟ ଚିତ୍ରଶିଳ୍ପୀମାନଙ୍କୁ ରୋଜଗାର ପ୍ରଦାନ ପାଇଁ କାନ୍ଥ ଚିତ୍ରଣ ହେଉଛି ବୋଲି ନାୟକ କହିଥିଲେ।

# ଏନ୍‌ଆଇଟିଆର୍‌ରେ କ୍ରିଷ୍ଟାଲୋଗ୍ରାଫି ସମ୍ପର୍କିତ ଅନ୍ତର୍ଜାତୀୟ କର୍ମଶାଳା

**ରାଉରକେଲା,୨୩।୨(ସଙ୍ଗୀତା ଜେନା)**

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି)ରେ ସୋମବାର ପୂର୍ବାହ୍ନ ୧୧ଟାରେ କ୍ରିଷ୍ଟାଲୋଗ୍ରାଫି ଏବଂ ରିଟଭେଲ୍ଟ ରିଫାଇନମେଣ୍ଟ ସମ୍ପର୍କିତ ୬ଦିବସୀୟ ଅନ୍ତର୍ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଏକାଡେମିକ୍ସ ଡିନ୍ ପ୍ରଫେସର ଅଶୋକ ତୁରୁକ, ପ୍ରଫେସର ଏସ୍. କେ. ପ୍ରତିହାର, ରେଜିଷ୍ଟ୍ରାର ପ୍ରଫେସର ରୋହନ୍ ଧୀମାନ୍, ପ୍ରଫେସର ପୀତାମ୍ବର ମହାନନ୍ଦିଆ ଏବଂ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଦିଲ୍ଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଫ୍ରାନ୍ସର ୩ ଜଣ ବୈଜ୍ଞାନିକ ପ୍ରଫେସର ମାସିମୋ ନେସ୍ପୋଲୋ (ଡି ଲରେନ୍ ନାମ୍ବୀ ବିଶ୍ୱବିଦ୍ୟାଳୟ), ପ୍ରଫେସର ଜୁଆନ୍ ରୋଡ୍ରିଗ୍ସ କାରଭାଜଲ (ଲାଉ-ଲାଙ୍ଗେଭିନ୍‌ଗ୍ରେନେବେଲ ବିଶ୍ୱବିଦ୍ୟାଳୟ) ଏବଂ ଡ. କ୍ଲେୟାର ଭିଲ୍ଲିନ୍ (ଇନ୍‌ଷ୍ଟିଚ୍ୟୁଟ୍ ନେଲ୍- ସିଏନ୍‌ଆର୍‌ଏସ୍ ଏବଂ ୟୁଜିଏ ଗ୍ରେନେବେଲ ବିଶ୍ୱବିଦ୍ୟାଳୟ) ବିଶେଷ ବକ୍ତା ଭାବେ ଉପସ୍ଥିତ ଥିଲେ। ସେହିପରି ଜର୍ମାନୀ ଓ ସ୍ପେନ୍‌ର ଖ୍ୟାତିସମ୍ପନ୍ନ ଶିକ୍ଷକମାନେ ଉଦ୍‌ଘାଟନୀ ଅଧିବେଶନରେ ଅନ୍‌ଲାଇନ୍ ଯୋଗଦାନ କରିଥିଲେ। ଏଥିରେ ଭାରତ ଏବଂ ୟୁରୋପର ପ୍ରମୁଖ ବୈଜ୍ଞାନିକ ଏବଂ ଦେଶବ୍ୟାପୀ ପ୍ରତିଷ୍ଠିତ ପ୍ରତିଷ୍ଠାନର ୮୦ ଜଣ ଅଂଶଗ୍ରହଣକାରୀ ଏକତ୍ରିତ ହୋଇଛନ୍ତି। ଏହି କର୍ମଶାଳା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ କ୍ରିଷ୍ଟାଲୋଗ୍ରାଫି କୌଶଳରେ ବିଶେଷଜ୍ଞତା ନିର୍ମାଣ କରିବାରେ ଲକ୍ଷ୍ୟ ରଖାଯାଇଛି ବୋଲି ଏହି ଅବସରରେ କର୍ମଶାଳା ସଂଯୋଜକ ପ୍ରଫେସର ଦିଲୀପ ପ୍ରଧାନ କହିଛନ୍ତି।

ସୂଚନାଯୋଗ୍ୟ, ପରମାଣୁ/ଅଣୁଗୁଡ଼ିକ କିଭଳି ସାମଗ୍ରୀ ମଧ୍ୟରେ ବ୍ୟବସ୍ଥିତ ହୋଇ ରହିଛନ୍ତି ସେ ବିଷୟରେ କ୍ରିଷ୍ଟାଲୋଗ୍ରାଫି ବୈଜ୍ଞାନିକମାନଙ୍କୁ ଜାଣିବାରେ ସାହାଯ୍ୟ କରିଥାଏ। ସେଥିରେ ରିଟଭେଲ୍ଟ ରିଫାଇନମେଣ୍ଟ ହେଉଛି ଏକ ଉନ୍ନତ ବିଶ୍ଳେଷଣାତ୍ମକ ପଦ୍ଧତି ଯାହା ସାମଗ୍ରୀର ଆଭ୍ୟନ୍ତରୀଣ ଗଠନକୁ ସଠିକ୍ ଭାବେ ନିର୍ଣ୍ଣୟ କରିବା ପାଇଁ ଏକ୍ସ ରେ ପ୍ୟାଟର୍ନକୁ ଡିକୋଡ୍ କରିଥାଏ। ଏହି କୌଶଳକୁ ଉନ୍ନତ ଔଷଧ, ଶକ୍ତିଶାଳୀ ସାମଗ୍ରୀ, ଉନ୍ନତ ବ୍ୟାଟେରୀ, ପରମାଣୁ ସାମଗ୍ରୀ ଏବଂ ପରବର୍ତ୍ତୀ ପିଢ଼ିର ଡିଭାଇସ୍ ପ୍ରଯୁକ୍ତିବିଦ୍ୟାରେ ବିକାଶ କରିବାରେ ପ୍ରୟୋଗ କରାଯାଇଥାଏ।



କର୍ମଶାଳାରେ ଦେଶବିଦେଶର ବୈଜ୍ଞାନିକ ଏକତ୍ରିତ ହୋଇଛନ୍ତି।

## ତୃତୀୟ ଭାଷା ପରୀକ୍ଷା ଦେଲେ ୪୮୫୩
## ମାଟ୍ରିକ ପରୀକ୍ଷାର ୩ୟ ଦିବସ

**ରାଉରକେଲା, ୨୩।୨(ସଙ୍ଗୀତା ଜେନା):** ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (ମାଟ୍ରିକ) ଗୁରୁବାରଠାରୁ ଆରମ୍ଭ ହୋଇଛି। ସୋମବାର ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ପରୀକ୍ଷା ହୋଇଥିଲା। ସେକ୍ଟର-୨୦ ସରକାରୀ ସ୍କୁଲ ନୋଡାଲ ସେଣ୍ଟର ଅଧୀନରେ ଥିବା ୧୪ଟି କେନ୍ଦ୍ର, ସେକ୍ଟର-୧୮ ବିବେକାନନ୍ଦ ହାଇସ୍କୁଲ ନୋଡାଲ ସେଣ୍ଟରରେ ୪ କେନ୍ଦ୍ର, ଭାଲୁଲତା ନୋଡାଲ ସେଣ୍ଟରରେ ୫ଟି କେନ୍ଦ୍ର ଏବଂ ପିଏମ୍‌ଶ୍ରୀ ଉଦିତନଗର ସ୍କୁଲ ନୋଡାଲ ସେଣ୍ଟରରେ ଥିବା ୩ଟି କେନ୍ଦ୍ରରେ ମୋଟ ୪୯୧୬ରୁ ୪୮୫୩ଜଣ ପରୀକ୍ଷା ଦେଇଥିଲେ। ୬୩ ଜଣଅନୁପସ୍ଥିତ ଥିଲେ। ସେହିପରି ଏସ୍‌ଆଇଓଏସ୍‌ରେ ମୋଟ ୧୯ରୁ ୯ଜଣ ପରୀକ୍ଷା ଦେଇଥିବା ବେଳେ ୧୦ ଜଣ ଅନୁପସ୍ଥିତ ଥିଲେ। ଅନୁରୂପ ଭାବେ ମଧ୍ୟମାରେ ୨୧ଜଣ ପରୀକ୍ଷା ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, ଆସନ୍ତା ୨୫ ତାରିଖରେ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ।

# ବ୍ୟକ୍ତି ଗଠନରେ ମାତୃଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା,୨୩।୨(ବିପ୍ଳବ ରଞ୍ଜନ ଦାଶ)**

ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ସେକ୍ଟର-୧୮ସ୍ଥିତ ଦୀପିକା ଇସ୍ପାତ ଶିକ୍ଷା ସଦନର ମିଳିତ ଆନୁକୂଲ୍ୟରେ ବିଶ୍ୱ ମାତୃଭାଷା ଦିବସ ବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା ସଦନର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଲେଙ୍କା ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ମୋନାଲିସା ଗୌଡ଼ଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କଲଚରାଲ ଏକାଡେମୀ ସଭାପତି ପଶୁପତିନାଥ ଚାଟାର୍ଜୀ ମୁଖ୍ୟ ଅତିଥି, ଇସ୍ପାତ ସାହିତ୍ୟ ସଂସଦ ସଭାପତି ନୃସିଂହ ଚରଣ ବିଶ୍ୱାଳ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ କେଶବ ନଗର ଶାଖା ସଭାପତି ବିଜୟିନୀ ଜେନା ସମ୍ମାନିତ ଅତିଥି ଏବଂ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ମାତୃଭାଷା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମାତୃଭାଷା ହେଉଛି ହୃଦୟର ଭାଷା। ଭାଷା ବିନା କଳା, ସାହିତ୍ୟ, ସଂସ୍କୃତି ମୂଲ୍ୟହୀନ। ପ୍ରତ୍ୟେକ ଜାତି ତାର ଭାଷା ଓ ସାହିତ୍ୟକୁ ନେଇ ଗର୍ବିତ। ମାତୃଭାଷା ମାଧ୍ୟମରେ ଜଣେ ବ୍ୟକ୍ତି ଅତି ସୁନ୍ଦର ଭାବେ ହୃଦୟର ଭାବକୁ ବ୍ୟକ୍ତ କରିପାରେ। ବ୍ୟକ୍ତି ଗଠନରେ ମାତୃଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ତପସ୍ୱିନୀ ସ୍ୱାଇଁ, ସବିତା ମିଶ୍ର ଓ ଛାତ୍ରୀ ତପୁ ହରିପାଲ, ତେଜସ୍ୱିନୀ ନାୟକ, ଶୁଚିସ୍ମିତା ଶତପଥୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ କରି ସଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ନିହାରିକା ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା ସଦନର ଶିକ୍ଷୟିତ୍ରୀ ଶିକ୍ଷକ ଶ୍ରୀବତ୍ସ ସାମଲ, କୃତିଦୀପା ସାହୁ, ମମତା ମଉଗଜ ସିଂ, ମୀନାକ୍ଷୀ ଦାସ, ପ୍ରିୟଙ୍କା ମହାରଣା ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ୨୫ରୁ ଆର୍‌ଏସ୍‌ପିର ନାଟକ ସନ୍ଧ୍ୟା

**ରାଉରକେଲା,୨୩।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଇସ୍ପାତ କାରଖାନାର ଲୋକସମ୍ପର୍କ-ରାଜଭାଷା ବିଭାଗ ପକ୍ଷରୁ ଫେବୃଆରୀ ୨୫ ତାରିଖରେ ସିଭିକ୍ ସେଣ୍ଟରରେ 'ନାଟକ ସନ୍ଧ୍ୟା' ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମକୁ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିବେ। ଏହି ସନ୍ଧ୍ୟାରେ ଦୁଇଟି ନାଟକ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ରଚନା ଏବଂ ଗୋପାଳ ଛୋଟରାୟଙ୍କ ଗୀତିନାଟ୍ୟରୁ ପ୍ରଫୁଲ୍ଲ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ଗୀତିନାଟ୍ୟ 'ପେଟେଣ୍ଟ ମେଡ଼ିସିନ ମଞ୍ଚସ୍ଥ ହେବ। ସେହିପରି ଅରୁଣ ଅଲାବେଲାଙ୍କ ରଚନାରୁ ପରେଶ ରଞ୍ଜନ ମାହାତୋଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଦେଢ଼ ଟାଙ୍ଗ କି ମୁର୍ଗୀ' ପ୍ରଦର୍ଶିତ ହେବ। ଏହି କାର୍ଯ୍ୟକ୍ରମ ସନ୍ଧ୍ୟା ୬ଟା ୩୦ରୁ ଆରମ୍ଭ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ରାମକୃଷ୍ଣ ଦେବଙ୍କ ଜନ୍ମ ଦିବସ ପାଳିତ

**ରାଉରକେଲା,୨୩।୨(ବିପ୍ଳବ ରଞ୍ଜନ ଦାଶ)**

ହମିରପୁରସ୍ଥିତ ରାମକୃଷ୍ଣ ମିଶନରେ ଶ୍ରୀ ଶ୍ରୀ ରାମକୃଷ୍ଣ ଦେବଙ୍କ ୧୩୧ତମ ଜନ୍ମ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଦିନ ମଙ୍ଗଳ ଆରତୀ, ବେଦ ଆବୃତ୍ତି, ହୋମ, ପ୍ରବଚନ, ପୁଷ୍ପାଞ୍ଜଳି, ଭୋଗ ପ୍ରସାଦ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଆଳତି ଓ ରାମକୃଷ୍ଣ ସଂକୀର୍ତ୍ତନ ହୋଇଥିଲା। ଏହିସମସ୍ତ କାର୍ଯ୍ୟକ୍ରମ ଅଧ୍ୟକ୍ଷ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ଏହି ଅବସରରେ ଗରିବ ଲୋକମାନଙ୍କୁ ବସ୍ତ୍ର ବିତରଣ କରାଯାଇଥିଲା।

## ଆମ ବସ୍ କର୍ମଚାରୀଙ୍କୁ ମାଡ଼ ଅଭିଯୋଗ

ରାଉରକେଲା,୨୩।୨(ସଙ୍ଗୀତା ଜେନା): ଲାଠିକଟାରୁ ରାଉରକେଲା ଆସୁଥିବା ଏକ ଆମ ବସ୍ କର୍ମଚାରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବସ୍ କର୍ମଚାରୀମାନେ ଏକତ୍ରିତ ହୋଇ ରଘୁନାଥପାଲୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଉକ୍ତ ବସ୍‌ରେ ଗାଇଡ୍ ଭାବେ ଜଣେ ମହିଳା କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଗତ ଶନିବାର ମଧ୍ୟାହ୍ନ ୧୨ଟାରେ ଜଳଦା ସି ବ୍ଲକ ନିକଟରେ ଉକ୍ତ ବସ୍‌ରେ ଉଠିଥିବା ଜଣେ ମହିଳା ଓ ଆଉ ଜଣେ ପୁରୁଷ ପାସେଞ୍ଜର ଉକ୍ତ ମହିଳା କର୍ମଚାରୀଙ୍କୁ କୁଆଡେ ଅସଦ୍ ବ୍ୟବହାର କରିବା ସହ ମାଡ଼ ମାରିଥିଲେ। ଏହାକୁ ପ୍ରତିବାଦ କରିବାକୁ ଆସିଥିବା ଅନ୍ୟ ବସ୍‌ର କଣ୍ଡକ୍ଟରଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା ବୋଲି ଅଭିଯୋଗକାରିଣୀ ମହିଳା ଗାଇଡ୍ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି।

# ୨୭ରୁ ସରସ ସ୍ୱଦେଶୀ ମେଳା

**ରାଉରକେଲା,୨୩।୨(ସଙ୍ଗୀତା ଜେନା)**

ସୁନ୍ଦରଗଡ଼ ଜିଲା ପ୍ରଶାସନ ଏବଂ ଓରମାସ୍‌ର ମିଳିତ ଆନୁକୂଲ୍ୟରେ ଫେବୃଆରୀ ୨୭ରୁ ରାଉରକେଲା ସେକ୍ଟର-୧୩ ମେଳଣ ପଡ଼ିଆରେ ସରସ ସ୍ୱଦେଶୀ ମେଳା ଅନୁଷ୍ଠିତ ହେବ। ଏ ନେଇ ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନ ସାଢ଼େ ୪ଟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ଼ ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି। ଜିଲାପାଳ ମହାପାତ୍ର ସୂଚନା ଦେଇ କହିଲେ, ଏହି ମେଳା ଫେବୃଆରୀ ୨୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଜାତୀୟସ୍ତରୀୟ ଏହି ମେଳା ଦେଶର କଳା, ସ୍ଥାପତ୍ୟ ଏବଂ ସଂସ୍କୃତିର ଏକ ପ୍ରତିଛବି ଭାବେ ପରିଚିତ। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ଏସ୍‌ଏଚ୍‌ଜି ଏବଂ ଉତ୍ପାଦକ ଗୋଷ୍ଠୀ ଅଂଶଗ୍ରହଣ କରିବେ। ଗ୍ରାମାଞ୍ଚଳର ଦକ୍ଷ କାରିଗରମାନଙ୍କ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ, ବଜାର ଚାହିଦା ଆକଳନ ଏବଂ ଗ୍ରାହକମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବା ପାଇଁ ଏହା ଏକ ସୁଯୋଗ ଅଟେ। ଉକ୍ତ ମେଳା ତଥା ପ୍ରଦର୍ଶନୀରେ ଦେଶର କୋଣ ଅନୁକୋଣରୁ ପ୍ରାୟ ୩୮୦ଟି ଷ୍ଟଲ ରହିବ। ମେଳାରେ ଉତ୍ତରପ୍ରଦେଶର ପେପର ମାସେ ଏବଂ ଲୁହାକାମ, ଆସାମ ଓ ତ୍ରିପୁରାର ବେତ ଓ ବାଉଁଶ ସାମଗ୍ରୀ, କଶ୍ମୀରର ପଶମ ବସ୍ତ୍ର, ପଶ୍ଚିମବଙ୍ଗର ଖୋଟ ସାମଗ୍ରୀ, ଆନ୍ଧ୍ରପ୍ରଦେଶ ଓ କେରଳର ହସ୍ତତନ୍ତ୍ର, ଓଡ଼ିଶାର ଟେରାକୋଟା, ଜନଜାତି ଅଳଙ୍କାର, ଡୋକ୍ରା କାଷ୍ଟିଂ, କେନ୍ଦୁଝରର ଫୁଲବଡ଼ି, ଶୁଖୁଆ ଏବଂ ମସଲା ଆଦି ପ୍ରଦର୍ଶନ ହେବ। ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟ ଓ ବାହାର ରାଜ୍ୟରୁ ଆସୁଥିବା କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଓଡ଼ିଆ ପାରମ୍ପରିକ ଖାଦ୍ୟର ମଜା ନେବାକୁ ସ୍ୱତନ୍ତ୍ର ଷ୍ଟଲ କରାଯାଉଛି। ସେଲ୍‌ଫି ପଏଣ୍ଟ ଓ ବ୍ୟବସାୟିକ ସମ୍ମିଳନୀ ଆଦି କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ରାଉରକେଲା ଏଡିଏମ୍ ଦୀନା ଦସ୍ତଗିର, ପାନପୋଷ ଉପଜିଲାପାଳ ବିଜୟ ନାୟକ, ଜିଲା ଉନ୍ନୟନ ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଓର୍‌ମାସର ସିଇଓ କେଶବ ଝା ପ୍ରମୁଖ ମଞ୍ଚାସୀନ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ପ୍ରଦାନ କରୁଛନ୍ତି।

## ସେକ୍ଟର- ୧୯ ଥାନାର ଆମ ପୋଲିସ ବୈଠକ




ବୈଠକରେ ଉପସ୍ଥିତ ପୋଲିସ ଓ ଅନ୍ୟମାନେ।

**ରାଉରକେଲା,୨୩।୨(ବିପ୍ଳବ ରଞ୍ଜନ ଦାଶ)**

ସେକ୍ଟର-୧୯ ଥାନା ଓ ଆମ ପୋଲିସ ସମିତିର ଏକ ବୈଠକ ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ଦୁର୍ଗାପୂଜା ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମାର୍କେଟର ସଭାପତି ସୁଜିତ ସ୍ୱାଇଁ ଓ ସାଧାରଣ ସମ୍ପାଦକ ସନ୍ତୋଷ ସ୍ୱାଇଁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେକ୍ଟର-୧୯ ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ ଅତିଥି ଭାବେ ଯୋଗଦେଇ ଜନସାଧାରଣ ଓ ବ୍ୟବସାୟୀଙ୍କୁ ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରାଇଥିଲେ। ସେହିପରି ଗାଡି ଚଳାଇବା ବେଳେ ଟ୍ରାଫିକ ନିୟମ ମାନିବା, ହେଲମେଟ ବ୍ୟବହାର, ସିଟ୍ ବେଲ୍ଟ ବାନ୍ଧିବା, ସନ୍ଦିଗ୍ଧ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଆଇ ଦୁର୍ଯ୍ୟୋଧନ ପ୍ରଧାନ, ସୁବାସ ଗୁପ୍ତା, ନିହାର ଦାସଙ୍କ ସମେତ ମାର୍କେଟ ସଦସ୍ୟମାନେ ଉପସ୍ଥିତ ଥିଲେ। ଆରତୀ ନାୟକ, ରାଜା ତନ୍ତୀ, ମାନସୀ ଘୋଷ, କୈଳାଶ ବେହେରା, ଲୁସିଆ କୁଲ୍ଲୁ, ମୀନା ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଆର୍‌ଏସ୍‌ପିରେ ଟୁଲ୍ କିଟ୍ ସେଫ୍ଟି ଟକ୍ ପ୍ରତିଯୋଗିତା

**ରାଉରକେଲା,୨୩।୨(ବିପ୍ଳବ ରଞ୍ଜନ ଦାଶ)**

ଆସନ୍ତା ୫୫ତମ ଜାତୀୟ ସୁରକ୍ଷା ସପ୍ତାହ-୨୦୨୬ ପାଳନ ଉପଲକ୍ଷେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ସୁରକ୍ଷା ଟ୍ରେନିଂ ହଲରେ ଗତ ୨୦ ତାରିଖରେ ଏକ ଟୁଲ୍ କିଟ୍ ସେଫ୍ଟି ଟକ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସୁରକ୍ଷା ସଚେତନତାକୁ ସୁଦୃଢ଼ କରିବା, କର୍ମଚାରୀ ଓ ଠିକା ଶ୍ରମିକଙ୍କ ମଧ୍ୟରେ ନିରାପଦ କାର୍ଯ୍ୟ ଅଭ୍ୟାସର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପ୍ରତିଯୋଗିତାର ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୬୦ରୁ ଅଧିକ କର୍ମଚାରୀ ଓ ଠିକା ଶ୍ରମିକ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ଏକ ନିରାପଦ ଏବଂ ଦୁର୍ଘଟଣାମୁକ୍ତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ପ୍ରଶଂସନୀୟ ଜ୍ଞାନ, ସ୍ୱଷ୍ଟତା ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ସୁରକ୍ଷା ଓ ଅଗ୍ନିଶମ ବିଭାଗର ସିଜିଏମ ହିରାଲାଲ ମହାପାତ୍ରଙ୍କ ଉପସ୍ଥିତିରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏସ୍‌ଏମ୍‌ଏସ୍-୨ ବିଭାଗର ଜିଏମ୍ ଏସ୍. କେ. ନାୟକ ପ୍ରତିଯୋଗିତାର ନିର୍ଣ୍ଣାୟକ ଥିଲେ ଏବଂ ବିଷୟବସ୍ତୁ, ଉପସ୍ଥାପନା, ବ୍ୟବହାରିକ ପ୍ରାସଙ୍ଗିକତା ଓ ଯୋଗାଯୋଗ ଦକ୍ଷତା ଆଧାରରେ ଅଂଶଗ୍ରହଣକାରୀମାନଙ୍କର ମୂଲ୍ୟାଙ୍କନ କରିଥିଲେ। ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରାଙ୍କ ମାର୍ଗଦର୍ଶନରେ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଏଜିଏମ ବି. କେ. ପାଢୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କର୍ମଚାରୀ।

# ସୁନ୍ଦରଗଡ଼, ରାଉରକେଲା, କଟକ ଓ କମିଶନରେଟ୍ 'ଏ' ସେମିକୁ ଉନ୍ନୀତ

**ରାଉରକେଲା,୨୩।୨(ସଙ୍ଗୀତା ଜେନା)**

**୭୫ତମ ରାଜ୍ୟ ହକି ଚାମ୍ପିୟନଶିପ୍**

ରାଉରକେଲା ପୋଲିସ ଜିଲା ଆନୁକୂଲ୍ୟରେ ରାଉରକେଲାସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ୭୫ତମ ରାଜ୍ୟ ପୋଲିସ ହକି ଚାମ୍ପିୟନଶିପ୍-୨୦୨୬ ରବିବାରଠାରୁ ଆରମ୍ଭ ହୋଇଛି। ସୋମବାର ଏହାର ଦ୍ୱିତୀୟ ଦିବସରେ ମୋଟ ୪ଟି ଲିଗ୍ ଏବଂ ୪ଟି କ୍ୱାର୍ଟରଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପୁଲ୍ 'ଏ'ର ସୁନ୍ଦରଗଡ଼ ଏବଂ ୪ର୍ଥ ବାଟାଲିୟନ୍ ମଧ୍ୟରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍‌ରେ ସୁନ୍ଦରଗଡ଼ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ସମ୍ବଲପୁର ଏବଂ କମିଶନରେଟ୍ 'ବି' ମଧ୍ୟରେ ମ୍ୟାଚ୍ ହୋଇ କମିଶନରେଟ୍ 'ବି' ୧୨ ଗୋଲରେ ବିଜୟୀ ହୋଇଥିଲା। ସେହିପରି ପୁଲ୍ 'ବି'ରେ ୪ର୍ଥ ଆଇଆର୍‌ବିଏନ୍ ଦେବଗଡ଼ ଓ ୬ଷ୍ଠ ଓଏସ୍‌ଏପି କଟକ ମଧ୍ୟରେ ୨-୨ରେ ମ୍ୟାଚ୍ ଡ୍ର ହୋଇଥିଲା। ଅନୁରୂପ ଭାବେ ୮ମ ବାଟାଲିୟନ୍ ଛତ୍ରପୁର ଓ ସିଆଇଏସ୍‌ଏଫ୍ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ହୋଇ ୨ ଗୋଲରେ ଭୁବନେଶ୍ୱର ଦଳ ପରାସ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ପରେ ପ୍ରଥମ କ୍ୱାର୍ଟର ଫାଇନାଲ୍ ସୁନ୍ଦରଗଡ଼ ଓ ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇ ସୁନ୍ଦରଗଡ଼ ଦଳ ୫-୦ରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ୬ଷ୍ଠ ଓଏସ୍‌ଏପି କଟକ ଏବଂ ୩ୟ ବାଟାଲିୟନ୍ କୋରାପୁଟ ମଧ୍ୟରେ ହୋଇଥିଲା। ଏଥିରେ କଟକ ଦଳ ୫-୪ରେ ବିଜୟୀ ହୋଇଥିଲା। ୩ୟ କ୍ୱାର୍ଟର ଫାଇନାଲ୍ ରାଉରକେଲା ଓ କମିଶନରେଟ୍ 'ବି' ମଧ୍ୟରେ ହୋଇଥିଲା। ପେନାଲ୍ଟି କର୍ନରରେ ରାଉରକେଲା ବିଜୟୀ ହୋଇଥିଲା। ୪ର୍ଥ କ୍ୱାର୍ଟର ଫାଇନାଲ୍ କମିଶନରେଟ୍ 'ଏ' ଓ ୪ର୍ଥ ଆଇଆର୍‌ବିଏନ୍ ଦେବଗଡ଼ ମଧ୍ୟରେ ଖେଳା ହୋଇଥିଲା। ଏଥିରେ କମିଶନରେଟ୍ ଦଳ ୬-୨ ଗୋଲରେ ବିଜୟ ଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ରାଉରକେଲା ଅତିରିକ୍ତ ଏସ୍‌ପି, ଡିଏସ୍‌ପି ଓ ବରିଷ୍ଠ ଅଧିକାରୀମାନେ ଏଥିରେ ଆତିଥ୍ୟ ଗ୍ରହଣ କରିଥିଲେ। ମଙ୍ଗଳବାର ଏହାର ଉଦ୍‌ଯାପନୀ ମ୍ୟାଚ୍ ଖେଳାଯିବ ବୋଲି ଜଣାପଡିଛି।



ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍।

# ଯୋଜନାରେ ଅଟକିଛି ଏନ୍‌ଏଚ୍‌-୪୯ ସମ୍ପ୍ରସାରଣ କାର୍ଯ୍ୟ

■ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଦେଲେ ନିର୍ବାଚିତ ପ୍ରତିନିଧିଙ୍କ କାମଶେଷ

■ ଦୁର୍ଘଟଣାରେ ଯାଉଛି ଜୀବନ

ଝାରସୁଗୁଡ଼ା, ୨୩।୨ (ଆଶିଷ ରଞ୍ଜନ ଦାଶ)

ଏନ୍‌ଏଚ୍‌-୪୯ରେ ଦ୍ରୁତ ଗାଡ଼ି ଚାଳନା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ରବିବାର ଏନ୍‌ଏଚ୍‌-୪୯ରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୫ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଫଳରେ ଲୋକମାନେ ଏହି ରାସ୍ତାରେ ଯାତାୟାତ ପାଇଁ ନିରାପଦ ମଣୁନାହାନ୍ତି। ଏହି ରାସ୍ତା ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାର ୨୦୨୫ରେ ଅର୍ଥ ମଞ୍ଜୁର କରିଥିଲେ। କେନ୍ଦ୍ର ସରକାର ବାରମ୍ବାର ଡିପିଆର୍‌, ଯୋଜନା ସମ୍ବନ୍ଧୀୟ ତଥ୍ୟ ମାଗୁଛନ୍ତି। ହେଲେ ଝାରସୁଗୁଡ଼ାର ନିର୍ବାଚିତ ଲୋକ ପ୍ରତିନିଧିମାନେ ଡିପିଆର୍‌ ଓ ଯୋଜନା ପ୍ରସ୍ତୁତି ବାହାନା ଦେଖାଇ ସମୟ ଗଡ଼ାଇ ଚାଲିଥିବାବେଳେ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖି ଜିଲାବାସୀଙ୍କଠାରୁ ବାହାବା ନେବା ପାଇଁ ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି। ବାସ୍ତବ କ୍ଷେତ୍ରରେ ଯୋଜନାରେ ଅଟକି ରହିଛି ଏନ୍‌ଏଚ୍‌-୪୯ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ। ଏହାକୁ ନେଇ ଜିଲାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ସେମାନେ ଦାବି କରିଛନ୍ତି।



୪୯ ନମ୍ବର ଜାତୀୟ ରାଜପଥ।

ଏନ୍‌ଏଚ୍‌-୪୯ ବର୍ତ୍ତମାନ ଝାରସୁଗୁଡ଼ା ଜିଲାବାସୀଙ୍କ ପାଇଁ ଏକ ଅଭିଶାପ ପାଲଟିଛି। ପ୍ରଦୂଷଣ ସାଙ୍ଗକୁ ଦୁର୍ଘଟଣା ଜିଲାବାସୀଙ୍କ ନିଦ ହଜାଇ ସାରିଲାଣି। ଗତ ୪ ବର୍ଷ ମଧ୍ୟରେ ଜିଲାରେ ୧୦୨୦ଟି ଦୁର୍ଘଟଣା ଘଟିଥିବାବେଳେ ସେଥିମଧ୍ୟରୁ ଅଧିକାଂଶ ଦୁର୍ଘଟଣା ଏନ୍‌ଏଚ୍‌-୪୯ରେ ଘଟିଥିବା ଜଣାପଡ଼ିଛି। ୨୦୧୯ ମାର୍ଚ୍ଚ ୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ କାର୍ଯ୍ୟକ୍ରମରେ ସୁରକ୍ଷା ପ୍ରଦାନ ପାଇଁ ଗୋଟିଏ ଭ୍ୟାନ୍‌ରେ ପୋଲିସ କର୍ମଚାରୀମାନେ ଯାଉଥିଲେ। ହେଲେ ୪୯ ନମ୍ବର ଜାତୀୟ ରାଜପଥର ବେଲପାହାଡ଼ ଶନିମନ୍ଦିରଠାରେ ଭ୍ୟାନ୍‌ଟି ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ ଜଣ ଆହତ ହୋଇଥିଲେ। ସେହିପରି ୨୦୨୩ ଏପ୍ରିଲରେ ଏକ ବସ୍‌ରେ ବରଯାତ୍ରୀ ଯାଉଥିଲେ। ଏନ୍‌ଏଚ୍‌-୪୯ରେ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଲୋକ ଆହତ ହୋଇଥିଲେ। ପ୍ରତିଦିନ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟୁଛି। ଏହି ରାସ୍ତାକୁ ୪ ଲେନ୍ କରିବା ପାଇଁ ୨୦୨୫ ଏପ୍ରିଲ ୧୭ରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ ୨ ହଜାର କୋଟି ଟଙ୍କା ମଞ୍ଜୁର କରିଥିଲେ। ହେଲେ ଏପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। କେନ୍ଦ୍ର ସରକାର ବାରମ୍ବାର ଡିପିଆର୍‌, ଯୋଜନା ସମ୍ବନ୍ଧୀୟ ତଥ୍ୟ ମାଗୁଥିବାବେଳେ ଝାରସୁଗୁଡ଼ାର ନିର୍ବାଚିତ ପ୍ରତିନିଧିମାନେ କେନ୍ଦ୍ରମନ୍ତ୍ରୀଙ୍କୁ ବାରମ୍ବାର କେବଳ ଚିଠି ଲେଖୁଛନ୍ତି। ଅପରପକ୍ଷେ ଜିଲା ପରିବହନ ବିଭାଗ ମଧ୍ୟ ଏନ୍‌ଏଚ୍‌-୪୯ର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଯେଉଁ ସୁରକ୍ଷା ବ୍ୟବସ୍ଥା କରିବା କଥା ତାହା କରିନାହିଁ। ଏପରି କି ରାସ୍ତାରେ ପାଟ୍ରୋଲିଂ ତଥା ଯାନବାହନ ଯାଞ୍ଚ ପାଇଁ ବିଶେଷଭାବରେ ଇଚ୍ଛା ପ୍ରକାଶ କରୁନାହିଁ; ଯାହାକି ଦୁର୍ଘଟଣାର ଅନ୍ୟ ଏକ କାରଣ ବୋଲି ଜିଲାବାସୀ ଅଭିଯୋଗ କରିଛନ୍ତି। ଜିଲାର ନିର୍ବାଚିତ ପ୍ରତିନିଧିମାନେ କେବଳ ଦେଖାଇହେବା ରାଜନୀତି ନ କରି ୪୯ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ପାଇଁ ପଦକ୍ଷେପ ନେବାକୁ ଜିଲାବାସୀ ଦାବି କରିଛନ୍ତି। ଏନେଇ ଜିଲା ପରିବହନ ଅଧିକାରୀ ପ୍ରମୟ କୁମାର ମିଶ୍ର କହିଛନ୍ତି, ଆମ୍ଭେ ଏ ସମସ୍ତ ବିଷୟରେ ଏନ୍‌ଏଚ୍‌ ବିଭାଗକୁ ଲିଖିତ ଭାବେ ଜଣାଇଥିବା ସହ ଜିଲା ରୋଡ୍ ସେଫ୍ଟି ବୈଠକରେ ଜଣାଇଛୁ। ହେଲେ ଏନ୍‌ଏଚ୍‌ ବିଭାଗ କେବଳ ସମୟ ଗଡ଼ାଇ ଚାଲିଛି। ଏହା ସହ ଆମେ ଆମର ପାଟ୍ରୋଲିଂ କାର୍ଯ୍ୟ ବଢ଼ାଇବୁ ବୋଲି ସେ କହିଛନ୍ତି। ଅପରପକ୍ଷେ ଏନ୍‌ଏଚ୍‌ ବିଭାଗର ଏସ୍‌ଡିଓ ଡି. କେ. ମେହେରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୫ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି




ଝାରସୁଗୁଡ଼ା ଥାନା ନିକଟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ୟକ୍ତିବୃନ୍ଦ।

ଝାରସୁଗୁଡ଼ା/ବ୍ରଜରାଜନଗର, ୨୩।୨ (ଆଶିଷ ରଞ୍ଜନ ଦାଶ/ ବିଜୟ ବରାଡ଼)

ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ୫ ଜଣ ପୋଲିସ କର୍ମଚାରୀଙ୍କୁ ଝାରସୁଗୁଡ଼ା ଟାଉନ୍ ଥାନା ସମ୍ମୁଖରେ ରବିବାର ସନ୍ଧ୍ୟା ୭ଟାରେ ଝାରସୁଗୁଡ଼ା ଯୁବ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ଉକ୍ତ ପୋଲିସ କର୍ମଚାରୀଙ୍କ ଆତ୍ମାର ସଦ୍‌ଗତି ଏବଂ ସେମାନଙ୍କ ପରିବାରକୁ ଶକ୍ତି ପ୍ରଦାନ କରିବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୁଷୋତ୍ତମ ମହାନ୍ତି, ବେଣୁଗୋପାଳ ପାଣିଗ୍ରାହୀ, ଝାରସୁଗୁଡ଼ା ଟାଉନ ଥାନା ଆଇଆଇସି ରଞ୍ଜନ ବରିଆ, ତାପସ କୁମାର ରାୟ ଚୌଧୁରୀ, ସନ୍ଦୀପ ଅବସ୍ତି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ସେହିପରି ବ୍ରଜରାଜନଗର ପୋଲିସ ପକ୍ଷରୁ ମୃତ ପୋଲିସ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ଏସ୍‌ଡିପିଓ ଚିନ୍ତାମଣୀ ପ୍ରଧାନଙ୍କ ନେତୃତ୍ୱରେ ରେଳଷ୍ଟେଶନ ଦୁର୍ଗା ମନ୍ଦିରଠାରୁ ଥାନା ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସହରର ପ୍ରତ୍ୟେକ ବର୍ଗର ଶତାଧିକ ମହିଳା, ପୁରୁଷ ଓ ବୁଦ୍ଧିଜୀବୀ ସାମିଲ ହୋଇ ଥାନା ସମ୍ମୁଖରେ ମୃତକମାନଙ୍କ ଫଟୋଚିତ୍ରରେ ପୁଷ୍ପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ସମେତ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ରବିବାର ଭୋର ପ୍ରାୟ ୩ଟାରେ ୪୯ ନମ୍ବର ଜାତୀୟ ରାଜପଥର ଝାରସୁଗୁଡ଼ା ସଦର ଥାନାଠାରୁ ପ୍ରାୟ ୧୦୦ ମିଟର ଦୂର ଏଚ୍.କଣ୍ଟାପାଲି ରାସ୍ତାରେ ଦ୍ରୁତଗାମୀ ଟ୍ରେଲର ଓ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବୋଲେରୋରେ ବସିଥିବା ୮ ଜଣ ପୋଲିସ କର୍ମଚାରୀଙ୍କ ମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

# ପ୍ରତିଶ୍ରୁତି ଦେଇ ୨୦ ଲକ୍ଷ ଟଙ୍କାର ଧାନ ଠକିନେଲେ

ଦେବଗଡ଼, ୨୩।୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ଅଧୀନ କୁଣ୍ଡିଆପାଲି ଗ୍ରାମର ସମ୍ବିତ ଭୋଇ ନାମକ ଜଣେ ଯୁବକ ପ୍ରତିଶ୍ରୁତି ଦେଇ ବିଭିନ୍ନ ଗ୍ରାମର ଚାଷୀଙ୍କ ନିକଟରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଧାନ ଠକି ନେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଅଭିଯୁକ୍ତ ସମ୍ବିତଙ୍କ ବିରୋଧରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣଙ୍କ ଚଳିତ ଖରିଫ ଋତୁରେ ରିଆମାଳ ବ୍ଲକ୍ ଅନ୍ତର୍ଗତ ବଡ଼ବାହାଲ, ଆଡସ, ରିଆମାଳ, ବାଘବର, ବେଲମୁଣ୍ଡା, ବଡ଼ କଙ୍କରଖୋଲ, କଣ୍ଟାବାହାଲ ଆଦି ଗ୍ରାମକୁ ଯାଇ କୁଇଣ୍ଟାଲ ପ୍ରତି ୨୨୦୦ରୁ ୨୫୦୦ ଟଙ୍କା ଦରରେ ଧାନ କିଣିବା ପାଇଁ ଅଭିଯାନ ଚଳାଇବା ସହ ପରେ ଟଙ୍କା ଦେବାର ପ୍ରତିଶ୍ରୁତି ପ୍ରାୟ ୨୯ ଜଣ ଚାଷୀଙ୍କଠାରୁ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଧାନ ସଂଗ୍ରହ କରିଥିଲେ। ଏହାର କିଛିଦିନ ପରେ ଧାନ ବିକ୍ରି କରିଥିବା ଚାଷୀମାନେ ସମ୍ବିତ୍‌ଙ୍କୁ ପ୍ରାପ୍ୟ ଟଙ୍କା ମାଗିବାରୁ ସେ ଆଜି ଦେବି... କାଲି ଦେବି... କହି ଦିନ ଗଡାଇ ଚାଲିଥିଲେ। ଏପରି କି ବାରମ୍ବାର ଉକ୍ତ ଟଙ୍କା ମାଗିବାରୁ ସମ୍ବିତ୍ ସେମାନଙ୍କୁ ହତ୍ୟା ଧମକ ଦେଇଥିଲେ। ଫଳରେ ପ୍ରତାରିତ ଚାଷୀମାନେ ଏନେଇ ରିଆମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୬୮/୨୬) ରୁଜୁକରି ତଦନ୍ତ ଚଳାଇଛି।

# ରାସ୍ତାରେ ଧାନବସ୍ତା ରଖି ଚାଷୀଙ୍କ ଆନ୍ଦୋଳନ



ଚାଷୀମାନେ ଧାନବସ୍ତା ରଖି ଆନ୍ଦୋଳନ କରୁଛନ୍ତି।

ଲଖନପୁର, ୨୩।୨ (ଗୌତମ ସାହୁ)

ଝାରସୁଗୁଡ଼ା ଜିଲାରେ ଧାନକିଣା ସମସ୍ୟା ଲାଗି ରହିଛି। ଚାଷୀମାନେ ଧାନ ବିକ୍ରି ନ କରିପାରିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ସେମାନେ ବାଧ୍ୟହୋଇ ସୋମବାର ରାସ୍ତାରେ ଧାନବସ୍ତା ରଖି ଆନ୍ଦୋଳନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ତିଲିଆ ପାକ୍ସରେ ଧାନ ବିକ୍ରି ପାଇଁ ଦିଆଯାଇଥିବା ଟାର୍ଗେଟ ଶେଷ ହୋଇଛି। ଏହାପରେ ତିଲିଆ, ରମ୍ପେଲା, କୁମ୍ଭାରବନ୍ଧ, ପିପିଲିକାନି ପଞ୍ଚାୟତ ପ୍ରାୟ ୩୦୦ ଚାଷୀ ୧୩,୫୦୦ କୁଇଣ୍ଟାଲ ଧାନ ବିକ୍ରି କରି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ପ୍ରଶାସନ ଓ ସରକାରଙ୍କ ନିକଟରେ ଗୁହାରି କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହୋଇପାରିନାହିଁ। ଫଳରେ ସୋମବାର ସକାଳେ ତିଲିଆ ଭୁନଭୁନ ଛକରେ ଚାଷୀମାନେ ରାସ୍ତାରେ ଧାନବସ୍ତା ରଖି ଆନ୍ଦୋଳନ କରିଥିଲେ। ସରକାର ସେମାନଙ୍କ ଧାନ ନ କିଣିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି।

# ଶିବିରରେ ୨୪ ଅଭିଯୋଗର ଶୁଣାଣି

ଲଇକେରା, ୨୩।୨ (ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା କିର୍ମିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ପଦାଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏହି ଶିବିରରେ ୧୬ଟି ବ୍ୟକ୍ତିଗତ ଏବଂ ୮ଟି ସାମୁହିକ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଅବସରରେ ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବିଶେଷକରି ବନ୍ଧପାଲି ଗ୍ରାମର ଆର୍‌ଏ ୨୦୨୪-୨୫ ଯୋଜନାରେ ହିତାଧିକାରୀ ଉଚିତ୍ ପ୍ରାପ୍ୟ ପାଇ ନ ଥିବା, ୨୦୨୪ ମସିହାର ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ଚାଷୀଙ୍କୁ ନ ମିଳିବା, ଧୁବେନବୁଡି ଗ୍ରାମର ରାଧାକୃଷ୍ଣ ମନ୍ଦିର ପରିସରରେ ଅସ୍ଥାୟୀ ବାଡ଼ ଦେଇ ବେଆଇନ ଘର ନିର୍ମାଣ, କିର୍ମିରା ଶିବ ମନ୍ଦିରରେ ବିଦ୍ୟୁତ୍ ସଂଯୋଗ ସମ୍ପର୍କିତ ଅଭିଯୋଗ ଉପସ୍ଥାପନ କରାଯାଇଥିଲା। ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ଶିବିରରେ ସାଧାରଣଜନତା ସେମାନଙ୍କର ସମସ୍ୟା ସିଧାସଳଖ ଜିଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ।

# ବଲାଙ୍ଗୀରକୁ ହରାଇ ଭୁବନେଶ୍ୱର ବିଜୟୀ

## ରାତ୍ରିକାଳୀନ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବ୍ରଜରାଜନଗର, ୨୩।୨ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ଖଲିଆକାନୀସ୍ଥିତ ଇନ୍‌ଡୋର ଷ୍ଟାଡିୟମ ପରିସରରେ ବ୍ରଜରାଜନଗର ବ୍ୟାଡ୍‌ମିଣ୍ଟନ କ୍ଲବ୍ ଦ୍ୱାରା ଆୟୋଜିତ ଦୁଇଦିନିଆ ରାତ୍ରିକାଳୀନ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବଲାଙ୍ଗୀରକୁ ହରାଇ ଭୁବନେଶ୍ୱର ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ପୌରାଧ୍ୟକ୍ଷ କ୍ରିଷ୍ଣ ଗୋପାଳ ସିତାନୀ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଅମିତ୍ କୁମାର ଆଚାର୍ଯ୍ୟ, ଭାଜପା ଯୁବନେତା ରାଧେଶ୍ୟାମ ପ୍ରଧାନ, ସାମାଜିକ କର୍ମୀ ଅଜିତ୍ କୁମାର ଧଳ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୭୦ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ଟିମ୍‌ର ତନ୍ମୟ ସାହୁ, ଅଭିଜିତ୍ ମହାରଣା ଓ ବଲାଙ୍ଗୀର ଟିମ୍‌ର ପ୍ରତୀକ୍ ସିଂଦେଓ, ଏମ୍. ନାୟକଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥଲା। ଏଥିରେ ଭୁବନେଶ୍ୱର ଟିମ୍ ବିଜୟୀ ହୋଇଛି। ଏଥିସହ ୪୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ବୁର୍ଲା ଟିମ୍‌ର ସରୋଭ ଭୁଇଆ, ଏମ୍‌ଡି ଅକ୍‌ବର୍ ବିଜୟୀ ହୋଇଥିବାବେଳେ ପ୍ରଶାନ୍ତ ବେହେରା, ତେଜ୍ ବାହାଦୁର ରନର ଅପ୍ ହୋଇଥିଲେ। ସେହିପରି ୫୫ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ରାଜୀବ ଦତ୍ତ, ରବିନ ଷଡ଼ଙ୍ଗୀ ବିଜୟୀ ହୋଇଥିବାବେଳେ ରତନ ଖଟାକ୍, ଜୟନ୍ତ କୁମାର ମିଶ୍ର ରନର ଅପ୍ ହୋଇଥିଲେ। କ୍ଷୀରୋଦ ରାଉତ, ସଞ୍ଜୀବ ମେହେର, ହୁତାଶନ ମେହେର, ଦୀପକ ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବସନ୍ତ ସାବୁ ମଞ୍ଚ ପରିଚାଳନା ଓ ରଞ୍ଜନ ରାୟ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ କୃତୀ ଖେଳାଳି।

# ଲୋକଙ୍କ ସୁରକ୍ଷା ଦାବି କଲା ବିଜେଡି

## ଜିଲାପାଳଙ୍କୁ ଦାବିପତ୍ର



ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ଅନ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଝାରସୁଗୁଡ଼ା, ୨୩।୨ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାର ରାଜପଥ ଓ ଆଭ୍ୟନ୍ତରୀଣ ରାସ୍ତାଗୁଡିକ ଶୋଚନୀୟ ହୋଇପଡିଛି। ଏଥିଯୋଗୁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି। ବିଶେଷକରି ଦ୍ରୁତଗତିରେ ଭାରିଯାନ ଚଳାଚଳ କରୁଥିବାରୁ ପଥଚାରୀମାନେ ଭୟଭୀତ ହୋଇପଡୁଛନ୍ତି। ରବିବାର ୪୯ ନମ୍ବର ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା ଘଟି ୫ ଜଣ ପୋଲିସ କର୍ମଚାରୀଙ୍କ ଜୀବନ ଯାଇଛି। ଫଳରେ ଲୋକମାନେ ଏହି ରାସ୍ତାରେ ଯାତାୟାତ ପାଇଁ ଅସୁରକ୍ଷିତ ମନେ କରୁଛନ୍ତି। ସେମାନଙ୍କ ସୁରକ୍ଷା ଦାବି କରିଛି ବିଜେଡି। ଏନେଇ ପୂର୍ବତନ ବିଧାୟିକା ଦିପାଳୀ ଦାସଙ୍କ ନେତୃତ୍ୱରେ ବିଜେଡିର ଏକ ଟିମ୍ ସୋମବାର ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଝାରସୁଗୁଡ଼ା ଏକ ପ୍ରମୁଖ ଶିଳ୍ପକେନ୍ଦ୍ର ହୋଇଥିବାରୁ ଏଠାରେ କୋଇଲା ଖଣି ଓ ଶତାଧିକ ଶିଳ୍ପାନୁଷ୍ଠାନ ରହିଛି। ଯାହା ସରକାରଙ୍କୁ ବାର୍ଷିକ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ପ୍ରଦାନ କରୁଛି। ଏହାସତ୍ତ୍ୱେ ନିରାପଦ ଓ ସୁଗମ ପରିବହନ ପାଇଁ ପର୍ଯ୍ୟାପ୍ତ ସଡ଼କ ଭିତ୍ତିଭୂମିର ଅଭାବ ରହିଛି। କୋଇଲା ଖଣି, ଶିଳ୍ପ ଗୃହ ଏବଂ ସହଯୋଗୀ ଶିଳ୍ପ ଦ୍ୱାରା ବ୍ୟବହୃତ ଭାରୀଯାନ ଚଳାଚଳ ପାଇଁ ଏକ ପୃଥକ ବାଇପାସ୍ ରାସ୍ତା ନିର୍ମାଣ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଦାବିପତ୍ର ପ୍ରଦାନବେଳେ ଝାରସୁଗୁଡ଼ା ପୌରାଧ୍ୟକ୍ଷା ରାନୀ ହାତୀ, ବିଜେଡି ଜିଲା ସଭାପତି ହରିଶ ଗଣତ୍ରା, ବରିଷ୍ଠ ବିଜେଡି ନେତା ରବି ସିଂ, ରଘୁମଣି ପଟେଲ, ସନ୍ଦିପ ଅବସ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଯୁବତୀଙ୍କୁ ପ୍ରତାରଣା: ଯୁବକ ଗିରଫ

ଦେବଗଡ଼, ୨୩।୨ (ଶଶାଙ୍କ ଶେଖର ଝାଙ୍କର)

ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ପରେ ଅନ୍ୟତ୍ର ବିବାହ ପାଇଁ ଯୋଜନା କରୁଥିବା ଜଣେ ଯୁବକଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ରିଆମାଳ ଥାନା ଅଧୀନ ଈଶ୍ୱରପାଲି ଗ୍ରାମର ପ୍ରକାଶ ପ୍ରଧାନ। ଅଦାଲତରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣଙ୍କ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ୨୦୨୪ ମସିହାରୁ ତାଙ୍କ ସହିତ ବାରମ୍ବାର ଶାରିରୀକ ସମ୍ପର୍କ ରଖିଥିଲେ। ହେଲେ ଇତିମଧ୍ୟରେ ସେ ତାଙ୍କୁ ପ୍ରତାରଣା କରି ଅନ୍ୟତ୍ର ବିବାହ ପାଇଁ ଯୋଜନା କରିଥିଲେ। ଏପରିକି ବିବାହ ପାଇଁ ଅନ୍ୟଜଣେ ଯୁବତୀଙ୍କ ସହିତ ତାଙ୍କର ନିର୍ବନ୍ଧ ସରିଥିଲା। ଏ ସମ୍ପର୍କରେ ପୀଡିତା ଯୁବତୀ ଜାଣିବା ପରେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୬୯/୨୬) ରୁଜୁକରି ତଦନ୍ତ କରିଥିଲା। ଏଥିସହ ପୀଡିତାଙ୍କ ବୟାନ ରେକର୍ଡ ଓ ଡାକ୍ତରୀମାଇନା ପରେ ପ୍ରକାଶଙ୍କୁ ଗିରଫ କରିଥିଲା।

# ଅଲେଖ ମହିମା ବ୍ରହ୍ମଯଜ୍ଞ ଉଦ୍‌ଘାଟିତ

ବ୍ରଜରାଜନଗର, ୨୩।୨ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ସହରାଞ୍ଚଳ ଅନ୍ତର୍ଗତ ମଣ୍ଡଳୀୟାଠାରେ ଅଲେଖ ମହିମା ବ୍ରହ୍ମଯଜ୍ଞ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅପରାହ୍ନରେ ଶତାଧିକ ଜନସାଧାରଣ ସ୍ଥାନୀୟ ଆଦିବାସୀ କଲୋନୀ ଜଳାଶୟରୁ କଳସରେ ଜଳ ଉଠାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ସୁଦର୍ଶନ ଦେବତା ଓ ସମ୍ପାଦକ ମଧୁସୂଦନ ରାଉଳଙ୍କ ସମେତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ସହାୟତା କରିଛନ୍ତି। ଏହି ଯଜ୍ଞ ୪ ଦିନ ଧରି ଚାଲିବ।

# ବଜରଙ୍ଗ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ: ଦୀଶା ଏକାଦଶ ବିଜୟୀ

ଦେବଗଡ଼, ୨୩।୨ (ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ମହାବୀର କ୍ଲବ୍ ଆନୁକୂଲ୍ୟରେ ମହୁଲଡିପା ସାହି ନାଳ ପଡିଆଠାରେ ୧୬ତମ ବଜରଙ୍ଗ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମହାବୀର କ୍ଲବ୍ ସଭାପତି କାର୍ତ୍ତିକ ମହାକୁଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତୁଳସୀ କନ୍‌ଷ୍ଟ୍ରକ୍ସନର ପରିଚାଳନା ନିର୍ଦ୍ଦେଶକ ପ୍ରସନ୍ନ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସୁନ୍ଦରଗଡ଼ର ଦୀଶା ଏକାଦଶ ଓ ଦେବଗଡ଼ର ବାମଣ୍ଡା କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୀଶା ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ବାମଣ୍ଡା କ୍ରିକେଟ୍ କ୍ଲବ୍ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୫୨ ରନ୍ ସଂଗ୍ରହ କରିଥିଲା। ବାମଣ୍ଡା କ୍ରିକେଟ୍ କ୍ଲବ୍ ପକ୍ଷରୁ ପ୍ରକାଶ ସାହୁ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ମୁକେଶ ଦଳାଇ ଓ ଗଣେଶ ନଟିଆ ମ୍ୟାଚ୍ ପରିଚାଳନା କରିଥିବାବେଳେ ଭାଷ୍ୟକାର ଭାବେ ବେଣୁଧର ଗଡ଼ନାୟକ ଓ ନୟନ ଦେବ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଉତ୍ତମ ପ୍ରଦର୍ଶନ ପାଇଁ ଦୀଶା ଏକାଦଶ ଟିମ୍‌ର ଖେଳାଳୀ ଗୌତମଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମହାବୀର କ୍ଲବ୍ ସମ୍ପାଦକ ରାଜେନ୍ଦ୍ର ଦେବ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ୍‌ର ଯୁଗ୍ମ ସମ୍ପାଦକ ଶାଶ୍ୱତ ନନ୍ଦ ଓ କୋଷାଧ୍ୟକ୍ଷ ଆଲୋକ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରିଛନ୍ତି।



ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳି।

# ଭାରିଯାନ ଚଳାଚଳ ବିରୋଧରେ ଧାରଣା

ଝାରସୁଗୁଡ଼ା, ୨୩।୨ (ଆଶିଷ ରଞ୍ଜନ ଦାଶ)

ବିଭିନ୍ନ କମ୍ପାନୀର ଭାରିଯାନ ଚଳାଚଳ ବିରୋଧରେ ସୋମବାର ପୂର୍ବାହ୍ନରେ ଝାରସୁଗୁଡ଼ା ଜିଲା ରମ୍ପେଲା ସେତୁ ନିକଟରେ ସ୍ଥାନୀୟ ଲୋକେ ଧାରଣା ଦେଇଛନ୍ତି। ପୂର୍ବତନ ବିଧାୟିକା ଅଳକା ମହାନ୍ତି ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ସମର୍ଥନ ଜଣାଇଛନ୍ତି। ବିଭିନ୍ନ କମ୍ପାନୀର ପାଉଁଶ ଏବଂ କୋଇଲା ବୋଝେଇ ଭାରିଯାନ ଚଳାଚଳ ଦ୍ୱାରା ଝାରସୁଗୁଡ଼ା ବନହରପାଲିରୁ ରମ୍ପେଲା ସେତୁ ଦେଇ ସମ୍ବଲପୁର ଓ ରେଙ୍ଗାଲିକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ଜନସାଧାରଣଙ୍କ ଯାତାୟାତ ପାଇଁ ଏହି ରାସ୍ତା ଅନୁପଯୋଗୀ ହୋଇପଡିଛି। ତେଣୁ ଏହି ରାସ୍ତାକୁ ନୂତନ ଭାବରେ ନିର୍ମାଣ ସହ କମ୍ପାନୀ ଗାଡି ଚଳାଚଳ ପାଇଁ ନୂତନ ରାସ୍ତା ନିର୍ମାଣ କରାଯାଉ ବୋଲି ଲୋକମାନେ ଦାବି କରିଛନ୍ତି। ଏଥିସହ ସ୍ଥାନୀୟ ନିଯୁକ୍ତି, ପ୍ରଦୂଷଣ ଉପରେ ଅଙ୍କୁଶ, ବିସ୍ଥାପିତଙ୍କୁ ଉଚିତ୍ ଥଇଥାନ କରାଯାଉ, ନଚେତ୍ ଆହୁରି ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଧାରଣାକାରୀ ଚେତାବନୀ ଦେଇଛନ୍ତି। ପରବର୍ତ୍ତୀ ସମୟରେ ଲୋକମାନେ ଧାରଣାରୁ ଉଠି ଯାଇଥିବା ଜଣାପଡିଛି।



ପୂର୍ବତନ ବିଧାୟିକା ଅଳକା ମହାନ୍ତି ଓ ଅନ୍ୟମାନେ ଧାରଣାରେ ବସିଛନ୍ତି।

